ଭାରତରେ ଢଆର ଯନ୍ତ୍ରପାତି ଆଜି ପଶ୍ଚିମ ଜର୍ମାନୀ, ଯେକୋସ୍ଲୋଭାକିଆ ଏବଂ ଏପରିକି ଯୁକ୍ତରାଷ୍ଟ୍ର ଆମେରିକାରେ ବ୍ୟବହୃତ ହେଉଛି । ଘରଉରେ ଢଆର ଚଳିବାଇ ସନ୍ତୁପାତି ବର୍ତ୍ତମାନ ବ୍ରିଟେନ, ମାଲ୍‌ଏସିଆ, ଜର୍ମାନୀ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ବ୍ୟବହୃତ ହେଉଛି । ଜର୍ମାନୀର ବର୍ତ୍ତି ଘରେ ଘରଉ ଢଆର ଶପ୍ତ୍ରି କ୍ଲେରେଟର ଚଳୁଛି । ପୋଲ୍‌ଏଣ୍ଡ୍ ରୁଷର ଟେଲିଫୋନ୍ ଯୋଗାଯୋଗରେ ଘରଉ ଢଆର କେତେକ ଉପକରଣ ବ୍ୟବହୃତ ହେଉଛି । ଅଷ୍ଟ୍ରୋପଚାରପାଇଁ ଆବଶ୍ୟକ କେତେକ ସନ୍ତ୍ରପାତି ନ୍ୟୁଜିଲାଣ୍ଡ ଘରଉ ଉପରେ ନିର୍ଭରଶୀଳ । ଘଗଣ୍ଡା, ଜେନସ୍ଥା, ଇଥିଓପିଆ ଓ ନାଇଜେରିଆ ଭଳି ଆଫ୍ରିକାର ଦେଶଗୁଡ଼ିକରେ ଘରଉପ୍ତ ନମ୍ନା ଅନୁଯାୟୀ ଘରଉରେ ନିର୍ମିତ ଶଳ ଓ କୁଟୀରଜାତ ବସ୍ତୁ ଚଳୁଛି ।

ଏହା ୨୦ ବର୍ଷ ପୂର୍ବେ କିଏ କଳ୍ପନା କରିଥିଲା ? କେବଳ ୨୦ ବର୍ଷ ଭିତରେ ଏହା ସମ୍ଭବ ହୋଇଥିବାରୁ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ଘରଉପ୍ତ ଅର୍ଥନୀତିର ଅଭିବୃଦ୍ଧି ଘଟିଛି । କୌଣସି ଦେଶର ବୈଦେଶିକ ବାଣିଜ୍ୟକୁ ତାହାର ଅର୍ଥନୈତିକ ଅଭିବୃଦ୍ଧିର ମାପକାଠିରୂପେ ଗ୍ରହଣ କରାଯାଇପାରେ । ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତ ଗତିରେ ହେଲେ ବୈଦେଶିକ ଆମଦାନୀ ଓ ରପ୍ତାନୀ ଉଲ୍ଲେଖଯୋଗ୍ୟ ଭାବରେ ବୃଦ୍ଧି ପାଇବା ସ୍ୱାଭାବିକ ।

ତାରେଟିଦ ଦଗ

ଘତତର ବୈଦେଶିକ ବାଣିଜ୍ୟ ଅଭିବୃଦ୍ଧି ଗତ ୨୦ ବର୍ଷ ଭିତରେ ଯେପରି ଭାବରେ ହୋଇଛି ତାହାର ଗ୍ରାଫ୍‌ରେଟି ଦଗ ହେଲା :—

(୧) ୧୯୪୭-୪୮ରେ ୬,୨୩୫ ନିୟୁତ ଟଙ୍କା ମୂଲ୍ୟର ରପ୍ତାନୀ ବାଣିଜ୍ୟ ହୋଇଥିଲା । ୧୯୭୫-୭୬ରେ ଏହି ପରିମାଣ ୮,୧୦୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇଲା ।

(୨) ୧୯୪୭ ମସିହାରେ ଘରଉର ରପ୍ତାନିଦ୍ରବ୍ୟ ତାଲିକାରେ କେବଳ ୫୦ଟି ଦ୍ରବ୍ୟ ସ୍ଥାନ ପାଇଥିଲା । ଆଜି ଏହି ତାଲିକାରେ ପ୍ରାୟ ୨,୯୭୦ ଶ୍ରେଣୀର ଦ୍ରବ୍ୟ ସ୍ଥାନ ପାଇଛି ।

(୫) ଘରଚଟୁ ଗୁଡ଼, ପୁରାଣୁଗା, ହେଁ ଚଳାଚଦ୍ରବ୍ୟ ପ୍ରଭୃତି ସାଧାରଣତଃ ରପ୍ତାନି ହେଉଥିବା ସାମଗ୍ରୀର ପରିମାଣ କ୍ରମଶଃ ରପ୍ତାନି ତାଲିକାରେ ଉଲ୍ଲେଖଯୋଗ୍ୟ ସ୍ଥାନ ଦଖଲ କରୁଛି । କାରଣ ସେସବୁ ଦ୍ରବ୍ୟ ସାଙ୍ଗକୁ ପ୍ରତିବର୍ଷ ନୂଆ ନୂଆ ସାମଗ୍ରୀ ଦେଖିବାକୁ ମିଳୁଛି । ଏହି ନୂଆ ସାମଗ୍ରୀଗୁଡ଼ିକ ଭିତରେ ଆଧୁନିକ ଧରଣର ଶିଳ୍ପଜାତଦ୍ରବ୍ୟ ଉଲ୍ଲେଖଯୋଗ୍ୟ ।

(୬) କେତେବର୍ଷ ତଳେ ଆମ ରପ୍ତାନି କେବଳ ଜଣେ ଭଲ କେତେକ ଦେଶ ସହିତ ସୀମିତ ଥିଲା । ବର୍ତ୍ତମାନ ପୃଥିବୀର ବହୁତ ଦେଶ ସହିତ ରପ୍ତାନି ବାଣିଜ୍ୟ କାରବାର ହେଉଛି ।

ଘରଚଟୁ ରପ୍ତାନି ବାଣିଜ୍ୟରେ ଏହି ସେଦିନ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଅଳ୍ପ କେତେ ବର୍ଷ ଭିତରେ ସମ୍ଭବ ହୋଇଛି ତାହାର ମୁଖ୍ୟ କାରଣ ହେଉଛି, ଆଜି ଘରୋଇ ସନ୍ତ୍ରପାତି ଓ କଳକବ୍ଜା ରପ୍ତାନି କରିବାକୁ ସକ୍ଷମ ହୋଇଛି । ଆଜି ଘରଚଟୁ ରପ୍ତାନିଦ୍ରବ୍ୟ ତାଲିକାରେ ବହୁବିଧ ସନ୍ତ୍ରପାତିର ନାମ ମିଳୁଛି । ଏହିସବୁ କଳସର ଦ୍ରବ୍ୟ ରପ୍ତାନି ମୂଲ୍ୟ ନକଟରେ ୧୦୦ ନିୟୁତ ଟଙ୍କାରୁ ଅଧିକ ହେବ ବୋଲି ଆଶା କରିପାରିଛି । ଏହିସବୁ ସନ୍ତ୍ରପାତି ଭିତରେ ଟ୍ରାନସ୍-ମିଟର, ବିଦ୍ୟୁତ୍ ସ୍ଫଳିତ ସ୍ୱୟଂକ୍ରିୟ ବିଭିନ୍ନ ପଦ୍ଧତିର ପ୍ରଭୃତି ଅନ୍ତର୍ଭୁକ୍ତ ।

ଦେଶରେ ଗତ ୧୫ ବର୍ଷ ଭିତରେ ଯେଉଁ ବିଦ୍ୟୁତ୍ ଚାଳିତ ଯନ୍ତ୍ରପାତି ତାହାରି ଫଳରେ ବହୁ ପରିମାଣରେ ବୃଦ୍ଧି ହୋଇଛି । ଏହି ସମୟ ଭିତରେ ବୈଦ୍ୟୁତିକ ସନ୍ତ୍ରପାତି ଉତ୍ପାଦନ ଶତକଡ଼ା ୭୧ ଗୁଣ, ଅଣ ବୈଦ୍ୟୁତିକ ସନ୍ତ୍ରପାତି ଉତ୍ପାଦନ ଶତକଡ଼ା ୮୭ ଗୁଣ, ଧାତବଦ୍ରବ୍ୟ ଉତ୍ପାଦନ ଶତକଡ଼ା ୫୭ ଗୁଣ, ପରିବହନ ସନ୍ତ୍ରପାତି ଉତ୍ପାଦନ ଶତକଡ଼ା ୫୯ ଗୁଣ ଏବଂ ମୌଳିକ ଧାତୁ ଉତ୍ପାଦନ ଶତକଡ଼ା ୪୯ ଗୁଣ ବୃଦ୍ଧି ପାଇଛି । ଦେଶର ଇଂଜିନିୟରିଂ ଶିଳ୍ପ ନତୁନମୁଖୀ ହୋଇପାରିଛି । ଆସନ୍ତା ପଞ୍ଚ ବାର୍ଷିକ ଯୋଜନା ଭିତରେ ଇଂଜିନିୟରିଂ ଶିଳ୍ପର ଏହି ବାର୍ଷିକ ପ୍ରାପ୍ତି ୧,୦୫୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରିପାରିଯାଏ ।

ଇଂଜିନିୟରିଂ ସାମଗ୍ରୀ

ଏହିସବୁ ଉଦ୍ୟମ ଫଳରେ ଗତ କେତେବର୍ଷ ଭିତରେ ବିଭିନ୍ନ ପ୍ରକାର ଇଂଜିନିୟରିଂ ଦ୍ରବ୍ୟ ରପ୍ତାନି ପରିମାଣ କ୍ରମଶଃ ବୃଦ୍ଧି ପାଇଛି । ୧୯୬୫-୬୬ରେ ୧୯୫ ନିୟୁତ ଟଙ୍କା ମୂଲ୍ୟର ବିବିଧ ଇଂଜିନିୟରିଂ ଦ୍ରବ୍ୟ ରପ୍ତାନି ହୋଇଥିଲା । ୧୯୭୦-୭୧ ପୁରା ଏହି ପରିମାଣ ୧,୦୦୦ ନିୟୁତ ଟଙ୍କାକୁ ବୃଦ୍ଧି ପାଇବା ଆଶା କରିପାରିଯାଏ ।

ଘରଚଟୁ ରପ୍ତାନି ହେଉଥିବା ଇଂଜିନିୟରିଂ ଶିଳ୍ପ ଜାତ ଦ୍ରବ୍ୟଗୁଡ଼ିକ ଭିତରେ ଉଲ୍ଲେଖଯୋଗ୍ୟ କେତୋଟି

"ଭାରତର ଉନ୍ନୟନ ସମସ୍ତ କରତର ମଙ୍ଗଳଲାଇଁ ମୁଁ କାମନା କରୁଅଛି । ଅନ୍ୟାନ୍ୟ କାରିଙ୍କ ଧ୍ୱଂସାବଶେଷର ଓ୍ୱ ଉପରେ ସ୍ୱରଚ ଠିଆହେବର ଏହା ମୋର କାମନା ନୁହେଁ ।"

—ଗାନ୍ଧିଜୀ

ଦ୍ଧ—ଡ଼ଜେଲ ଇଂଜନ ଓ ଚାହାର ବନ୍ଧ
ଂଶ, ବୈଦ୍ୟୁତିକ ଫ୍ୟାନ୍ ଓ ଚାହାର ସନ୍ତାଂଶ,
ାର ପାଇପ୍, ସାଇକେଲ୍ ଓ ଚାହାର ବଇନ୍ଧ
ଂଶ, ରେଳବାଇ ଲଇନପାଇଁ ଉପକରଣ, ବୈଦ୍ୟୁତିକ
ର ସିଲେଇ କଳ ଓ ଚାହାର ସନ୍ତାଂଶ, ଟ୍ରେକଳ
ଟ୍ରାନ୍ସମିସନ୍ ଲଇନ ଶାଜ୍ଆର ଓ ଖୁମ୍ଭ,
ଥର ଢେବା ବ୍ଲେଡ୍, କୃଷି ସନ୍ତ୍ରପାତି, ଇସ୍ପାତ୍
ପ୍ରକାରପତ୍ର, ପ୍ରେସର୍ ସ୍ଟେଭ୍, ଇସ୍ପାତ୍ ଟ୍ରଙ୍କ୍,
ଟନ ଓ ତମ୍ବା ବାସନ, ଷ୍ଟେନଲେସ୍ଷ୍ଟିଲ୍ ବାସନ,
ସନ୍ତ୍ରପାତି, ଲ୍ୟାବକଳ ସନ୍ତ୍ରପାତି, ଡ୍ରମ୍ ଓ କବ୍,
ବୈଦ୍ୟୁତିକ ସନ୍ତ୍ରପାତି, ଟେଲିଫୋନ ସନ୍ତ୍ରପାତି,
ଚାପ ନିୟନ୍ତ୍ରଣ ସନ୍ତ୍ରପାତି, ଶ୍ରିଜେରେଟର,
ର କୁଲର୍ ଓ ଷ୍ଟୋରେଜ୍ ବ୍ୟାଟେରୀ ।

ଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା, ପଶ୍ଚିମ ଏସିଆର
ଦେଶ, ଉତ୍ତର-ପୂର୍ବ ଆଫ୍ରିକା ଓ ଥାଇଲଣ୍ଡ
ତ ପୃଥିବୀର ୮୭ ଗୋଟି ଦେଶକୁ ଏହାସବୁ ସାମଗ୍ରୀ
ତ ରପ୍ତାନି କରେ ।

ଡେନ୍, ମାଲଏସିଆ, ସୋମାଲିଲ୍ୟାଣ୍ଡ ଓ ଥାଇ-
ଣ୍ଡକୁ ଘରୋଇରୁ ବସ୍ ଓ ଟ୍ରକ୍ ରପ୍ତାନି ହେଉଛି ।
ନ୍, ଆଫଗାନିସ୍ଥାନ, କେନିୟା, ମରକୋ,
ଜେରିଆ ଓ ମାଲଏସିଆ ପ୍ରଭୃତି ଦେଶକୁ ଘରୋଇ
ଟେକଲ ରପ୍ତାନି କରୁଛି । ଘରୋଇ ଉଆର ସିଲେଇ
ବହୁ ଦେଶରେ ଆଦୃତ ହେଉଛି ।

ସହଯୋଗ

ଏସିଆ ଓ ଆଫ୍ରିକା ମହାଦେଶର କେତୋଟି ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ଦେଶ ସମ୍ବନ୍ଧୀୟ ଶିଳ୍ପ ବାଣିଜ୍ୟରେ ସହଯୋଗ କରିବାକୁ ଘରୋଇ ବର୍ତ୍ତମାନ ସକ୍ଷମ । ପୃଥିବୀର ୧୭ଟି ଦେଶରେ ଶିଳ୍ପ ବାଣିଜ୍ୟରେ ସହଯୋଗ କରିବାକୁ ଘରୋଇ ବର୍ତ୍ତମାନ ୫୦ରୁ ଅଧିକ ଯୋଜନାରେ ସହଯୋଗ କରୁଛି । ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡାରେ ମଧ୍ୟ ଘରୋଇ ଶିଳ୍ପ କ୍ଷେତ୍ରରେ ସହଯୋଗ କରୁଛି ।

ଘରୋଇ ଦ୍ରବ୍ୟ

ଗତ କେତେବର୍ଷ ଭିତରେ ଘରୋଇ ଦ୍ରବ୍ୟ ଶିଳ୍ପର ଜନ୍ମ ହୋଇଛି । ଏହି ଶିଳ୍ପର ବହୁମୁଖୀ ଉତ୍ପାଦନ ମଧ୍ୟ ରପ୍ତାନି ତାଲିକାରେ ସ୍ଥାନ ପାଇଛି । ବର୍ତ୍ତମାନ ଘରୋଇରୁ ୩୫ ନିୟୁତ ଟଙ୍କା ମୂଲ୍ୟର ଔଷଧ ଓ ଔଷଧ-ପାଇଁ ଆବଶ୍ୟକ ବହୁମୁଖୀ ପ୍ରକାର ସାମଗ୍ରୀ ତଥା ପରଶୋଧିତ ଘରୋଇ ରପ୍ତାନି ହେଉଛି । ରଙ୍ଗ, ବାରନିସ୍ ପ୍ରଭୃତି ପ୍ରାପ୍ତ ୨୦ ନିୟୁତ ଟଙ୍କା ମୂଲ୍ୟର ରପ୍ତାନି କରାଯାଉଛି ।

ଟାୟାର, ଟିଉବ୍, ଯୋତା ପ୍ରଭୃତି ରବରଜାତ-ଦ୍ରବ୍ୟ ରପ୍ତାନି ହେଉଛି । କାଗଜ ଓ କାଗଜଜାତଦ୍ରବ୍ୟ, କାଚନ, ଷ୍ଟେନ୍ସିଲ୍, ବହି ଓ ପ୍ରଶ୍ନର ପୁସ୍ତିକା ମଧ୍ୟ ରପ୍ତାନି ତାଲିକାରେ ସ୍ଥାନ ପାଇଛି । କାଚ ଓ ଚିନାମାଟି ଶିଳ୍ପଜାତ ଦ୍ରବ୍ୟ ଘରୋଇ ମଧ୍ୟ ରପ୍ତାନି କରୁଛି ।

"ମୋ ଧର୍ମ କୌଣସି ଐତିହାସିକ ସୀମା ସ୍ୱୀକାର କରେ ନାହିଁ । ମୋ ଧର୍ମରେ ମୋର ଯଦି କାହାକୁ ଘୃଣା ଥାଏ ତେବେ ସାରା ପୃଥିବୀ ମୋର ଶତ୍ରୁ ହେଇଯିବ । ଅହିଂସା ରୂପକ ଧର୍ମ ସତ୍ୟର ଜୀବନ୍ତ ସେବା ଜରିଆରେ ମୋ ଜୀବନର ଉଦ୍ଦେଶ୍ୟ ।"

—ଗାନ୍ଧିଜୀ

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାଠାରୁ ଇସ୍ପାତଶିଳ୍ପ ଉଲ୍ଲେଖଯୋଗ୍ୟ ଅଗ୍ରଗତି ହାସଲ କରିଛି ଏବଂ ବହୁବିଧ ଇସ୍ପାତ ଦ୍ରବ୍ୟ ରପ୍ତାନି ତାଲିକାଭୁକ୍ତ ହୋଇଛି ।

ଲୁହା ପଥର

ଲୁହାପଥର ଜରିଆରେ ରପ୍ତାନି ବାଣିଜ୍ୟରେ ଉଲ୍ଲେଖଯୋଗ୍ୟ ସ୍ଥାନ ଲାଭ କରିଛି । ଉଚ୍ଚକୋଟୀର କୁହାପଥର ପାଇଁ ଜାପାନ ପ୍ରସିଦ୍ଧ । ଲୁହା ପଥର ଖଣି-ଗୁଡ଼ିକର ଦ୍ରୁତ ଉନ୍ନତି ଏବଂ ରପ୍ତାନି ସୁବିଧା ଫଳରେ ଲୁହାପଥର ରପ୍ତାନି ୧୯୭୦-୭୧ ସୁଦ୍ଧା ବାର୍ଷିକ ୨୫ ନିୟୁତ ମେଟ୍ରିକ ଟନ୍ ହେବ ବୋଲି ଆଶା କରାଯାଇଛି । ୧୯୬୫-୬୬ ରେ ଏହା ପରିମାଣ ୧୨ ନିୟୁତ ମେଟ୍ରିକ୍ ଟନ୍ ଥିଲା ।

ସୂତାକଳା ବହୁ ଦିନରୁ ଜାପାନର ରପ୍ତାନି ତାଲିକାରେ ସ୍ଥାନ ପାଇଥିଲା । ନକ୍ସାରେ ରେସ୍ପନ ଓ ପେଣ୍ଟେଡ୍ ବସ୍ତ୍ର ରପ୍ତାନି ତାଲିକାରେ ସ୍ଥାନ ପାଇଛି । ଷ୍ଟୋକ୍ ଦ୍ରବ୍ୟ ବହୁ ଦିନରୁ ରପ୍ତାନି ହେଉଥିଲା । କନ୍ତୁ ଷ୍ଟୋକ ଓଆର କାର୍ପେଟର ଭଲା ପାଇଁ ଜନା, ଟାଓଏଲ, ଓଆର ପୋଷାକ ଓ କଳ ଓଆର କାର୍ପେଟ ନକ୍ସାରେ ରପ୍ତାନି ତାଲିକାରେ ସ୍ଥାନ ପାଇଛି ।

ଜାପାନର ପ୍ଲାଷ୍ଟିକ ଶିଳ୍ପ ରପ୍ତାନି ବଜାରରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛି । ବିବିଧ ପ୍ଲାଷ୍ଟିକ ଦ୍ରବ୍ୟ ପ୍ରମୁଖତଃ ଅଧିକ ପରିମାଣରେ ରପ୍ତାନି ହେଉଛି ।

ଫଳ ଓ ପନ୍ନପତ୍ରବା

ଫଳ ଓ ପନ୍ନପତ୍ରବା ସଂରକ୍ଷଣ ଶିଳ୍ପ ବିଭିନ୍ନ ଦେଶକୁ ଜାରୀଯାଇ ଫଳ ଓ ପନ୍ନପତ୍ରବା ରପ୍ତାନି କରିବାକୁ ସକ୍ଷମ ହୋଇଛି । ଜାପାନର ରପ୍ତାନି ତାଲିକାରେ ବିଭିନ୍ନ ପ୍ରକାର ସଂରକ୍ଷିତ ଫଳ ଓ ପନ୍ନପତ୍ରବା, ଜାମ ଓ ଜେଲି, ପ୍ରାତଃ ଭୋଜନପାଇଁ ଖାଦ୍ୟ, ବିସ୍କୁଟ ପ୍ରଭୃତି ବର୍ତ୍ତମାନ ସ୍ଥାନ ପାଇଛି । ସଂରକ୍ଷିତ ମାଛ ମଧ୍ୟ ରପ୍ତାନି ହେଉଛି ।

ପରମାଣୁଶକ୍ତି କ୍ଷେତ୍ରରେ ଜାପାନ ବିଶେଷ ଆଗେଇ ପାରିଛି । ତେଣୁ 'ହେଭି ଅପାରେ' ଓ 'ଆଇସୋ ଟୋପ' ରପ୍ତାନିପାଇଁ ଜାପାନ ସକ୍ଷମ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକା ଏକନାତ୍ର ବ୍ୟତିକ୍ରମ କେତେକ ଇଲେକ୍ଟ୍ରୋନିକ୍ସ ଜିନିଷକୁ କେବଳ ଜାପାନ ହିଁ 'ହେଭି ଅପାରେ' ଯୋଗାଇଛି । ପ୍ରେଟ୍ରୋଲିୟମ୍ ଜାତୀୟ ରସାୟନିକ ଶିଳ୍ପର ଉନ୍ନତି ସାଧନ ହେଉଛି । ଗୁରୁତ୍ୱପୂର୍ଣ୍ଣ ଏଥିପାଇଁ କାରଖାନା ଗଢ଼ି ଉଠୁଛି । କେତେକ ବର୍ଷ ଭିତରେ ଏହି ଶିଳ୍ପଜାତ ଦ୍ରବ୍ୟ ମଧ୍ୟ ରପ୍ତାନି ତାଲିକାରେ ଅନ୍ତର୍ଭୁକ୍ତ ହେବ ।

ରପ୍ତାନି ବାଣିଜ୍ୟର ଏହି ଅଭିବୃଦ୍ଧି ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦିଏ ।

"ଜଗତ ଅହିଂସାରେ ଅନନ୍ତ ବିଶ୍ୱାସର ଅନୁକରଣ କରିବ ନାହିଁ । ଜଗତ ଯଦି ହିଂସ୍ର ପାଶବ ପ୍ରକୃତି ଦେଖେ ତେବେ ମୋର ଅହିଂସାର ସମସ୍ତ ଅର୍ଥ ପରିବର୍ତ୍ତିତ ।"

—ଗାନ୍ଧିଜୀ

ପଞ୍ଚବାର୍ଷିକ ଯୋଜନାକାଳରେ ଅଗ୍ରଗତି

ଶ୍ରୀ କେ. ସି. ପନ୍ତ
କେନ୍ଦ୍ର ଅର୍ଥ ଉତ୍ତଗର ରାଷ୍ଟ୍ରମନ୍ତ୍ରୀ

ପଞ୍ଚବାର୍ଷିକ ଯୋଜନା ଜରିଆରେ ଆମେ ଦାରିଦ୍ର୍ୟ, ଅସୁସ୍ଥତା ଓ ଅଜ୍ଞତା ବିରୁଦ୍ଧରେ ସଂଗ୍ରାମ ଚଳାଇ କରିଛେ । ୧୯୫୧ ଏପ୍ରିଲ ମାସରେ ଯେ ଜନାର ପ୍ରଥମ ପ୍ରଚାର—ପ୍ରଥମ ପଞ୍ଚବାର୍ଷିକ ଯୋଜନାର ଆରମ୍ଭ ହେଲା । ବର୍ତ୍ତମାନ ଚତୁର୍ଥ ଯୋଜନା ଚାଲୁ ହୋଇଛି । ଚତୁର୍ଥ ଯୋଜନାର ଦ୍ୱିତୀୟ ବର୍ଷରେ ଆମେ ପାଦ ଦେଇଛୁ ।

ପ୍ରଥମରୁ ଚତୁର୍ଥ ଓ ଚଳୁଥିବା ଯୋଜନାକାଳ ପର୍ଯ୍ୟନ୍ତ ଦେଇଥିବା ଉନ୍ନୟନ ପରିକଳ୍ପନାଗୁଡ଼ିକ ଯୋଗୁଁ ଦେଶର ଅର୍ଥନୈତିକ ଓ ସାମାଜିକ ଅଗ୍ରଗତି କେତେଦୂର ହୋଇଛି ?

ପଞ୍ଚବାର୍ଷିକ ଯୋଜନାକାଳରେ ଦେଶର ଅଗ୍ରଗତି ଦିଗମୁଖୀ ହୋଇଛି । ଅର୍ଥନୀତି ଓ ସାମାଜିକ ଜୀବନର ବିଭିନ୍ନ ଦିଗରେ ଶତାବ୍ଦୀ ଧରି ଯେଉଁ ସ୍ଥିତାବସ୍ଥା ଦେଖା ଦେଇଥିଲା ତାହା ଦୂର ହୋଇଛି । ସାମଗ୍ରିକ ଚିତ୍ର-ଟିକୁ ଦେଖା ଦେଇଥିଲେ ମଧ୍ୟ ଏକଥା ଦୃଢ଼-ଭାବରେ କୁହାଯାଇପାରେ ଯେ ଶିଳ୍প ଓ କୃଷି ଉତ୍ପାଦନ କ୍ଷେତ୍ରରେ ଉନ୍ନତ ଆଶି ଦୃଷ୍ଟି ହୋଇଛୁ । କୃଷି ଉଦ୍ୟୋଗରେ ଆଧୁନିକ ପଦ୍ଧତି ପ୍ରତି ଆଗ୍ରହ ଦେଖା ଦେଇଛି । ଫଳରେ ସାର, କୀଟନାଶକ ଔଷଧ, ଉନ୍ନତ ବିହନ, ଜଳସେଚନପାଇଁ ବିଦ୍ୟୁତ୍ ପ୍ରଭୃତିର ଚାହିଦା ସତଃସ୍ଫୂର୍ତ୍ତ ବୃଦ୍ଧି ପାଇଛି ।

ଶିଳ୍ପ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଛି । ଦଶବର୍ଷ ତଳେ ଏ ଦେଶରେ ଯେଉଁ ସବୁ ଶିଳ୍ପ ନ ଥିଲା, ସେ ସବୁ ମୌଳିକ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ବର୍ତ୍ତମାନ ପ୍ରତିଷ୍ଠିତ ହୋଇଛି । ଅଧିକରୁ ଅଧିକ ଲୋକେ ରୋଜଗାର ସୁବିଧା ପାଇ ପାରିଛନ୍ତି ।

ଜାତୀୟ ଆୟ

ବିଭିନ୍ନ ଯୋଜନା କାଳରେ ଦେଶର ଜାତୀୟ ଆୟ ବୃଦ୍ଧି ପାଇଛି । ପ୍ରଥମ ଯୋଜନାକାଳରେ ଜାତୀୟ ଆୟ ପ୍ରାୟ ଶତକଡ଼ା ୧୮ ଭାଗ ବୃଦ୍ଧି ପାଇଲା । ଦ୍ୱିତୀୟ ଯୋଜନା କାଳରେ ଏହା ପୁଣି ଶତକଡ଼ା ୨୧ ଭାଗ ବୃଦ୍ଧି ପାଇଲା । ତୃତୀୟ ଯୋଜନା କାଳର ବିଭିନ୍ନ ବର୍ଷରେ ଜାତୀୟ ଆୟ ବୃଦ୍ଧି ଅନୁପାତ ସମାନ

ହୋଇ ପାରିନାହିଁ । ଏହାର ମୁଖ୍ୟ କାରଣ ହେଲା ଯେ ଯୋଜନାକାଳର ପାଞ୍ଚ ବର୍ଷ ଭିତରୁ ଛନ୍ନବର୍ଷ ପାଗ ଭଲ ରହି ନ ଥିଲା ।

ଏହା ପାଇଁକୁ ଦୁଇଟି ପଡ଼ୋଶୀ ଦେଶ ଘରଡକୁ ସୁଦ୍ଧ ଭରତକୁ ଟାଣି ନେଇଥିଲେ । ଦେଶର ଜନ୍ୟୁନ ପଞ୍ଚବାର୍ଷିକ ଯୋଜନାରେ ବ୍ୟୟ କରାଯାଇଥିବା ମୂଲ୍ୟବାନ ସମ୍ବଳ ଦେଶରକ୍ଷା ବ୍ୟବସ୍ଥାରେ ଖଟାଇବାକୁ ଦେଶ ବାଧ୍ୟ ହୋଇଥିଲା । ତଥାପି ଛନୋଟି ଯୋଜନା-କାଳରେ ଜାତୀୟ ଆୟ ବୃଦ୍ଧି ଶତକଡ଼ା ୭୫ ଭାଗ ହୋଇଥିଲା ।

ଏହି ଜାତୀୟ ଆୟ ବୃଦ୍ଧିକୁ ଅର୍ଥନୈତିକ ପରି-ବର୍ତ୍ତନର ନିଶ୍ଚିତ ସୂଚନା ବୋଲି କୁହାଯାଇ ପାରି ନ ଥାନ୍ତା, ଏକଥା ନିଶ୍ଚିତ ଯେ ଭାରତୀୟ ଅର୍ଥନୀତିରେ ଯେଉଁ ସ୍ଥବିରାବସ୍ଥା ଦେଖା ଦେଇଥିଲା ତାହା ଦୂର ହୋଇଛି । ଏହି ସମସ୍ତ ଭିତରେ ଯାହା ହାସଲ ହେବ ବୋଲି କଳ୍ପନା କରାଯାଇଥିଲା ତାହା ନ ହୋଇଥିଲେ ମଧ୍ୟ, ଏକଥା ନିଶ୍ଚିତ ଯେ ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଭାରତୀୟ ଅର୍ଥନୀତି ଯାହା ଥିଲା ତାହା ୧୯୫୦-୫୧ଠାରୁ ପରିସ୍ଥିତି ଦ୍ରୁତ ଗତିରେ ଆଗେଇ ଚାଲିଛି ।

କୃଷି ଉନ୍ନତି

କୃଷି କ୍ଷେତ୍ରରେ ୧୯୫୦-୫୧ଠାରୁ ୧୯୭୪-୭୫ ମଧ୍ୟରେ ଜାତୀୟ ବାର୍ଷିକ ଶତକଡ଼ା ଆୟ ହାରରେ କୃଷି ଉତ୍ପାଦନର ସୂଚୀ ୧୯୫୦-୫୧ରେ ୯୭ ଥିଲା-ବେଳେ ୧୯୭୪-୭୫ରେ ୧୫୮ ହୋଇଛି । ଏହା ଶତକଡ଼ା ପ୍ରାୟ ୭୫ ବୃଦ୍ଧିର ସୂଚନା । ୧୯୭୫-ରେ ମରୁଡ଼ ପରିସ୍ଥିତି ହେତୁ କୃଷି ଉତ୍ପାଦନର ସୂଚୀ ଅବଶ୍ୟ ୧୩୨କୁ ହ୍ରାସ ପାଇଲା ।

ଖାଦ୍ୟ ଶସ୍ୟ ଉତ୍ପାଦନ ୧୯୫୦-୫୧ରେ ୫୫ ନିୟୁତ ମେଟ୍ରିକ ଟନ୍ ଥିଲା । ଏହି ପରିମାଣ ୧୯୭୦-୭୧ରେ ୮୨ ନିୟୁତ ମେଟ୍ରିକ ଟନ୍‌କୁ ଏବଂ ୧୯୭୫-୭୫ରେ ୮୫ ନିୟୁତ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଲା । ୧୯୭୫-୭୬ରେ ମୋଟ ଉତ୍ପାଦନ ପ୍ରାୟ ୭୨ ନିୟୁତ ମେଟ୍ରିକ ଟନ୍‌କୁ ହ୍ରାସ ପାଇଲା । ୧୯୭୬-୭୭ରେ ଉତ୍ପାଦନ ୭୭ ନିୟୁତ ମେଟ୍ରିକ ଟନ୍ ହେବ ବୋଲି ଆକଳନ ହୋଇଛି । ଏହା ଉତ୍ପାଦନ କ୍ଷମତାଠାରୁ ଉଣା । ଖରାପ ପାଗ ହେତୁ ଏହା ଘଟିଲା ।

ଖାଦ୍ୟ ଶସ୍ୟ ଉତ୍ପାଦନ ବଢ଼ାଇବାପାଇଁ ବିଶେଷ ଉଦ୍ୟମ ହେଉଛି । ଛନୋଟି ଯୋଜନାକାଳରେ ଜଳସେଚନ ବ୍ୟବସ୍ଥାର ସୁବିଧା ଅଧିକ ଜମିକୁ ଯୋଗାଇ ଦିଆଗଲାଣି ।

ଶିଳ୍ପ ଅଭିବୃଦ୍ଧି

ଶିଳ୍ପ ଉତ୍ପାଦନର ସୂଚୀ ୧୯୫୧ରେ ୭୪ ଥିଲା । ୧୯୭୭ରେ ଏହା ୧୯୨ ହୋଇଥିଲା । ଅର୍ଥାତ୍ ପ୍ରକୃତ ୧୫ ବର୍ଷ ଭିତରେ ଶତକଡ଼ା ୧୫୯ ଭାଗ ବୃଦ୍ଧି ଏଥିରେ ପ୍ରତିଫଳିତ ହେବ । ଏହି ହିସାବ ପାଇଁ ୧୯୫୭ ମସିହାର

"ଭାରତ ପରି ଅନ୍ୟ କାତିମାନଙ୍କ ଧନ ଶୋଷଣ କରି—ଭାରତରେ ସନ୍ତୋଷର ପ୍ରସାର ହେଲେ ଭାରତ ଶୋଷଣ କରାଦାର ଜନ୍ତ—ଜାତୀୟତ୍ୱକୁ ହେ ଅନ୍ୟ କାତିମାନଙ୍କ ପ୍ରତି ଅଭିଶାପ ଭୁଲ୍ ହେବ ଏବଂ ଜଗତ ପ୍ରତି ମଣ୍ଡିମାନ ସଙ୍କଟ ଭୁଲ୍ ହେବ ।"

—ଗାନ୍ଧିଜୀ

ଉତ୍ପାଦନ ସୂଚୀକୁ ପୂର୍ଣ୍ଣ ଏକକ ମନେ କରିଯାଇଛୁ । ଦେଶରେ ଶିଳ୍ପବିକାଶ ବହୁମୁଖୀ ହୋଇଛୁ ଏବଂ ଶିଳ୍ପର ସମୃଦ୍ଧି ଘଟିଛୁ ।

ଇସ୍ପାତ, କୋଇଲା, ଆଲୁମୁନିୟମ, ରସାୟନିକ ସାର, ଇଞ୍ଜିନିୟରିଂ ସାମଗ୍ରୀ ଓ ପେଟ୍ରୋଲିୟମ୍‌ଜାତଦ୍ରବ୍ୟ ଭଳି ମୌଳିକ ଶିଳ୍ପ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ସମ୍ଭବପର ହୋଇଛୁ । ଉଦାହରଣସ୍ୱରୂପ ଦୁଇଟି ଯୋଜନାକାଳରେ କୋଇଲା ଉତ୍ପାଦନ ୩୩ ନିୟୁତ ମେଟ୍ରିକ ଟନ୍‌ରୁ ୭୦ ନିୟୁତ ମେଟ୍ରିକ ଟନ୍‌କୁ, ଇସ୍ପାତ ପିଣ୍ଡ ଉତ୍ପାଦନ ୧୦୦୫ ନିୟୁତ ମେଟ୍ରିକ ଟନ୍‌ରୁ ୬୦୦୫ ନିୟୁତ ମେଟ୍ରିକ ଟନ୍‌କୁ ବୃଦ୍ଧି ପାଇଛୁ । ଦେଶର ସିମେଣ୍ଟ ଉତ୍ପାଦନ ୧୯୫୦-୫୧ରେ ୬୭ ନିୟୁତ ମେଟ୍ରିକ ଟନ୍ ଥିଲା । ୧୯୭୫-୭୬ରେ ପରିମାଣ ୧୦୮ ନିୟୁତ ମେଟ୍ରିକ ଟନ୍ ହେଲା ।

ପଞ୍ଚବାର୍ଷିକ ନର୍ମାଣରେ ଦେଶ ବିଶେଷ ଅଗ୍ରଗତି ସାଧନ କରିଛୁ । ଦ୍ୱିତୀୟ ଯୋଜନା ପ୍ରାରମ୍ଭରୁ ସରକାରୀ ଉଦ୍ୟୋଗ ଏ କ୍ଷେତ୍ରରେ ବିଶେଷ ଅଂଶ ଗ୍ରହଣ କରିଛୁ । ଲୁହା କଳ, ସିମେଣ୍ଟ କଳ, କାଗଜକଳ, ଡାଳଜଲ ଓ ସୂତ ସୂତକ ରେଳ ଇଞ୍ଜିନ ରେଳ ବଗି ପ୍ରଭୃତି କ୍ଷେତ୍ରରେ ଆମ୍ଭର ଚାହିଦା ସଙ୍ଗେ ସଙ୍ଗେ ଦେଶର ଚାହିଦା ପୂରଣ ହୋଇଛୁ । କେତେକ ସାମଗ୍ରୀ ରପ୍ତାନି କରିବାକୁ ଦେଶ ସକ୍ଷମ ହୋଇଛୁ ।

ସାର ଉତ୍ପାଦନ

ସାର ଉତ୍ପାଦନ ବଢ଼ାଇବାପାଇଁ ବର୍ତ୍ତମାନ ବିଶେଷ ଉଦ୍ୟମ ଚାଲିଛୁ । ଆସନ୍ତା ଦଶ ବର୍ଷ ଭିତରେ ଆବଶ୍ୟକତା ପୂରଣପାଇଁ ଦେଶରେ ଯଥେଷ୍ଟ ପରିମାଣରେ ରସାୟନିକସାର ଉତ୍ପାଦିତ ହେବ ବୋଲି ଆଶା କରିଯାଉଛୁ ।

ବିଦ୍ୟୁତ୍ ଉତ୍ପାଦନ, ପରିବହନ ବ୍ୟବସ୍ଥା ଓ ଯୋଗାଯୋଗରେ ଅଗ୍ରଗତି ଦାସଲ୍ ହୋଇଛୁ । ୧୯୫୦-୫୧ ଓ ୧୯୭୫-୭୬ ମଧ୍ୟରେ ବିଦ୍ୟୁତ୍ ଉତ୍ପାଦନ ପ୍ରାୟ ଛଅଗୁଣ ବୃଦ୍ଧି ପାଇଛୁ । ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯାଇଥିବା ଗ୍ରାମ ସଂଖ୍ୟା ଏହି ସମୟ ମଧ୍ୟରେ ୩,୭୦୦ରୁ ୫୨,୦୦୦କୁ ବୃଦ୍ଧି ପାଇଛୁ । ୧୯୭୭-୭୭ ଶେଷ ବେଳକୁ ଏହି ସଂଖ୍ୟା ୭୩ ହଜାର ହୋଇଛୁ । ଅର୍ଥାତ୍ ମୋଟ ଗ୍ରାମବାସୀଙ୍କର ଏକତୃତୀୟାଂଶ ବିଦ୍ୟୁତ୍ ଶକ୍ତି ବିନିଯୋଗ ପାଇଁ ସକ୍ଷମ ହୋଇଛନ୍ତି ।

ରେଳବାଇର ପରିବହନ କ୍ଷମତା ବୃଦ୍ଧି ପାଇଛୁ । ଘରୋଇ ନୌ-ବହନ ଶିଳ୍ପରେ ଅଗ୍ରଗତି ହୋଇଛୁ । ୧୫ ବର୍ଷରେ ଦେଶର ଜାକଘର ସଂଖ୍ୟା ୩୭ ହଜାରରୁ ବୃଦ୍ଧି ପାଇ ୧୮ ହଜାର ହୋଇଛୁ । ଶିକ୍ଷା ଓ ଚିକିତ୍ସା ସୁବିଧାର ବ୍ୟାପକ ପ୍ରସାର ଘଟିଛୁ । ସାଧାରଣ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉନ୍ନତ ହେବା ଫଳରେ ୧୫ ବର୍ଷ ତଳେ ମାରାତ୍ମକ ରୂପ ନେଇ ଦେଖା ଦେଇଥିବା ମ୍ୟାଲେରିଆ ରୋଗର ନିୟନ୍ତ୍ରଣ ପ୍ରାୟ ସମ୍ଭବ ହୋଇଛୁ ।

"ପୂର୍ଣ୍ଣ ସ୍ୱାଧୀନତା ଅପେକ୍ଷା ମୁଁ ଆଉରି ବଡ଼ ଆଦର୍ଶ ଲାଭର ଆକାଂକ୍ଷୀ । ଭାରତ ତା ମୁକ୍ତିଦ୍ୱାରା ପାଶ୍ଚାତ୍ୟ ଜାତିମାନଙ୍କ ଶୋଷଣରେ ଉତ୍ପୀଡ଼ିତ ତଥାକଥିତ ନିମ୍ନ ଜାତିମାନଙ୍କୁ ମୁକ୍ତ କରି ପାରିବ ।"

—ଗାନ୍ଧିଜୀ

ଯୋଜନା କାର୍ଯ୍ୟକାଳ ଚେବା ପୂର୍ବରୁ ହାରାହାରି ଆୟୁଷ ୩୨ ବର୍ଷ ଥିବାବେଳେ ବର୍ତ୍ତମାନ ୫୦ ବର୍ଷ ହୋଇଛି । ମୃତ୍ୟୁହାର ହ୍ରାସ ହେବାରୁ ଜନ୍ମ ନିୟନ୍ତ୍ରଣର ଆବଶ୍ୟକତା ଅନୁଭୂତ ହୋଇଛି ।

ପରିବାର ନିୟନ୍ତ୍ରଣ

ସରକାର ସ୍ତରରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକାରୀ କରୁଥିବା ଦେଶଗୁଡ଼ିକ ଭିତରେ ଭାରତ ପୃଥିବୀରେ ପ୍ରଥମ । ପଞ୍ଚଶ'ଟ୍ର ସମ୍ଭବ ଜନ୍ମହାର ହଜାରୁ ପ୍ରତି ୪୧ରୁ ୨୫କୁ କମାଇବା ହେଉଛି ବର୍ତ୍ତମାନର ଲକ୍ଷ୍ୟ । ଚତୁର୍ଥ ଯୋଜନା କାଳରେ ପରିବାର ନିୟନ୍ତ୍ରଣ ପରିକଳ୍ପନା ପାଇଁ ୨୨୯ କୋଟି ଟଙ୍କା ବରାଦ ହୋଇଛି । ତୃତୀୟ ଯୋଜନାରେ ଏହି ପରିମାଣ କେବଳ ୨୭.୯୭ କୋଟି ଟଙ୍କା ଥିଲା ।

ବୈଦେଶିକ ସାହାଯ୍ୟ ଗ୍ରହଣଯୋଗ

ଜନ୍ମନିୟନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଭାରତ ପୃଥିବୀର ବଇଲ୍ଡ ବଙ୍କ୍, ଫୋର୍ଡ୍ ଫାଉଣ୍ଡେସନ୍‌ଙ୍କଠାରୁ ସାହାଯ୍ୟ ଗ୍ରହଣ କରିଛି । କିନ୍ତୁ ବହୁ ପରିମାଣରେ ସମ୍ବଳ—ମୋଟ ବ୍ୟୟର ପ୍ରାୟ ଶତକଡ଼ା ୭୫ ଭାଗ—ଦେଶାନ୍ତର୍ଗତ ମିଳିଛି ।

ଜନ୍ମନିୟନ ଯୋଜନା କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଦେଶ ସହିତ ତୁଳନା କଲେ ଦେଖିବାକୁ ମିଳିବ ଯେ ବହୁ ଦେଶ ତୁଳନାରେ ଭାରତ ବୈଦେଶିକ ସାହାଯ୍ୟ ଉପରେ କମ୍ ନିର୍ଭରଶୀଳ । ଉଦାହରଣ ସ୍ୱରୂପ ୧୯୬୫ ମସିହାରେ ମୁଣ୍ଡ ପିଛା ସାହାଯ୍ୟ ହ୍ରାସ କଲେ ଜଣାପଡ଼ିବ ଯେ ଭାରତ ୬.୮ ଡଲାର ପାଇଥିଲାବେଳେ ପାକସ୍ତାନ ୫.୦ ଡଲାର, ସିଂହଳ ୪୮ ଡଲାର, ଆରବ ସାଧାରଣତନ୍ତ୍ର ୯.୧ ଡଲାର ଏବଂ ଭେନେଜୁଏଲା ୯.୪ ଡଲାର ପାଇଥିଲା ।

ଯୋଜନା ନୁଯାୟୀ କାର୍ଯ୍ୟକାରୀ ହୋଇଥିବା ପଞ୍ଚ-କଳ୍ପନାଗୁଡ଼ିକ ଜରିଆରେ ଯେଉଁ ଅଗ୍ରଗତି ଗତ ୧୫ ବର୍ଷ ଭିତରେ ହୋଇଛି ତାହା ଦୃଢ଼ ଆଶାର ସୂଚନା ହିଏ । ବର୍ତ୍ତମାନ ଦେଖା ଯାଇଥିବା ଅର୍ଥନୈତିକ ଅସୁବିଧା ଜନ୍ମନିୟନ ଉଦ୍ୟମକୁ କେତେକ କ୍ଷେତ୍ରରେ ମନ୍ଥର କରି ଦେଇଥିଲେ ମଧ୍ୟ ଏଥିରେ ହତାଶ ହେବାର କିଛି ନାହିଁ । ସୁଦୀର୍ଘ ମିଆଦ୍‌ରେ ଯେଉଁ ଲକ୍ଷ୍ୟ ଧାସଲ୍ ହେବ ବୋଲି ଧାର୍ଯ୍ୟ ହୋଇଛି ତାହା ନିଶ୍ଚୟ ହେବ । ଅର୍ଥନୈତିକ ଜନ୍ମନିୟନପାଇଁ ଦେଶ ଯେଉଁ ସମସ୍ତ ପନ୍ଥା ଗ୍ରହଣ କରିଛି ତାହା ଦେଶର ଅର୍ଥ-ନୀତିକୁ ଦୃଢ଼ୀକରଣ କରି ଶିଳ୍ପ ଉଦ୍ୟୋଗକୁ ଦୃଢ଼ୀଭୂତ କରିଛି । ଆସନ୍ତା ୧୦ ବର୍ଷ ବା ଆଉ କିଛି ଭିତରେ ଦେଶ ବହୁ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହୋଇ ଉଠିବ ।

"ଭାରତ ସେତେବେଳେ ଆତ୍ମନିର୍ଭରଶୀଳ ଓ ଆତ୍ମବିଶ୍ୱାସ ସମ୍ପନ୍ନ ହେବ ଏବଂ ପ୍ରତ୍ୟେକ ଜଣ ଶୋଷଣର ଭୟରୁ ଉପରକୁ ଉଠିବାକୁ ଭାଲ ଆଉ ସମ୍ଭାବନା ନ ଥିବ ସେତେବେଳେ ସାମ୍ରାଜ୍ୟ ଓ ଶ୍ରାତ୍ୟ କୌଣସି ଶକ୍ତି ପ୍ରେରଣାରୁ ହୋଇ ତା ପ୍ରତି ଅକୃତ୍ୟ ହେବ ନାହିଁ ।"

—ଗାନ୍ଧିଜୀ



ଯେଉଁ ଜନ୍ମନିରୋଧକ ଉପଚାର ବ୍ୟବହାର କା ସହଜ, ଯାହାର ବ୍ୟବହାର ପ୍ରଣାଳୀ ଶିଖିବା ଓ ଯାହା ବ୍ୟବହାର କରିବାରେ ସାମାଜିକ, ନିତିକ ବା ଧର୍ମଗତ କାରଣରୁ ଆପତ୍ତି ଉଠେ ତାକୁହିଁ ଆଦର୍ଶ ଜନ୍ମ ନିରୋଧକ ଉପଚାର ଯାଇଛୁ । ଜନ୍ମନପୁନ୍ସଣର ଆଦର୍ଶ ପଦ୍ଧତି ଏପରି ଉତ୍ତମ ଯେଉଁଥିରେ ଏକ ଲୋକଙ୍କୁ ଖୁବ୍ କମ୍ ାଇବା ଦରକାର ପଡ଼େ ; ନିଜୁଥିବା ସମୟର ଉପରେ ତାର ମୂଲ୍ୟ ରଖାଯାଇଥାଏ ଏବଂ ପ୍ରକ୍ରିୟାକୁ ବାରମ୍ବାର ପ୍ରୟୋଗ କରିବା ଶ୍ୟକ ହୁଏ ନାହିଁ ଓ ତାହା ଥରେ ପ୍ରୟୋଗ ପରେ ମଧ୍ୟ ବାହାର କରି ନଆଯାଇପାରେ ।

ୁର ପୃଷ୍ଠ ବକାଶ ଘଟାଯାଇ ପରୀକ୍ଷା କରାଯାଇ ାଇଛୁ ଯେ ତାହା ଏହିଭଳି ଏକ ଜନ୍ମ ନିରୋଧକ ଧର ଗୁହ୍ୟତା ପୂରଣ କରିପାରିବ । ଏହା ବ୍ୟତୀତ ନୁହେଁ । ଏହାକୁ ଦରକର ପ୍ରୟୋଗ କରିବା ଆବଶ୍ୟକ ହୁଏ ନାହିଁ । ଏହା ରୁଚି ବୋଧକ । ଏଥିପାଇଁ ହାସପାତାଳରେ ରହିବାକୁ ପଡ଼େ ନାହିଁ କମ୍ବା ଚିକିତ୍ସାଳୟକୁ ବାରମ୍ବାର ଯିବା ଆବଶ୍ୟକ ହୁଏ ନାହିଁ । ଏହା କାଢି ହଆଯାଇପାରେ ଓ ଏଥିପାଇଁ ବିଶେଷ କୌଣସି ଶିକ୍ଷା ଦୀକ୍ଷା ଅବଶ୍ୟକ ହୁଏ ନାହିଁ । ଅଥବା ଏହା ବ୍ୟବହାର କରିବା ଉଦ୍ଦେଶ୍ୟରେ ଦୃଢ଼ ବା ପୁନଃ ପୁନଃ ପ୍ରଚେଷ୍ଟା ଦରକାର ହୁଏ ନାହିଁ । ଭୈଷଜ ଓ ଜୈବିକ ଗବେଷଣା ଦେଖାଇ ଦେଇଛୁ ଯେ ଲୁପ୍ ବ୍ୟବହାର ଦ୍ୱାରା ଅଧିକାଂଶ ସ୍ତ୍ରୀ ଲୋକଙ୍କର ଶରୀରରେ ଖୁବ୍ କମ୍ ପ୍ରତିକ୍ରିୟା ଦେଖାଯାଏ । ଏହି ପ୍ରକାର ଜନ୍ମ ନପୁନ୍ସଣ ପଦ୍ଧତି କୋରିଆ ଓ ବାର୍-ଓ୍ୟାନ୍‌ରେ ଅନୁସୃତ ହେଉଥିଲେ ମଧ୍ୟ ଲୁପ୍ ପ୍ରୟୋଗ ଦ୍ୱାରା ସେଠାରେ ଯେଉଁ ଉଳ ପ୍ରତିକ୍ରିୟା ଶରୀରରେ ସୃଷ୍ଟି ହୋଇଥାଏ ତା ତୁଳନାରେ ଘଟିଥିବା ପ୍ରତିକ୍ରିୟାର ସଂଖ୍ୟା କୌଣସିମତେ ଅଧିକ ନୁହେଁ ।

ଲୁପ୍ କେତେଦୂର ଆଦୃତ ହେଉଛୁ ତାହା ଜାଣିବା ଉଦ୍ଦେଶ୍ୟରେ ନୂଆ ଦିଲ୍ଲୀ ଇର୍‌ୱିନ୍ ହାସପାତାଳ ସହିତ ସଂଶ୍ଳିଷ୍ଟ ଥିବା ପରିବାର ନପୁନ୍ସଣ କ୍ଲିନିକ୍‌ରେ

ଅନୁଶୀଳନ କରାଯାଇଥିଲା ଓ ସେଥିପାଇଁ ୭୦ ଜଣ ଗୃହିଣୀଙ୍କ ସହିତ ସାକ୍ଷାତକାର ବ୍ୟବସ୍ଥା ହୋଇଥିଲା ।

ଜନତାତ୍ତ୍ୱିକ ଓ ସାମାଜିକ ତଥା ଅର୍ଥନୈତିକ ତଥ୍ୟ—ଯେଉଁ ସ୍ତ୍ରୀ ଲୋକମାନଙ୍କ ସହିତ ସାକ୍ଷାତକାରର ବ୍ୟବସ୍ଥା ହୋଇଥିଲା ସେମାନଙ୍କ ମଧ୍ୟରୁ ଶତକଡ଼ା ୭୪.୩ ଜଣ ସ୍ତ୍ରୀଲୋକଙ୍କ ବୟସ ୩୦ ବର୍ଷ ବା ତାହାଠାରୁ କମ୍ ଥିଲା । କିନ୍ତୁ ସେମାନଙ୍କ ସ୍ୱାମୀମାନଙ୍କ ମଧ୍ୟରୁ ଶତକଡ଼ା ୨୪.୩ ଜଣଙ୍କର ବୟସ ଥିଲା ୩୦ ବର୍ଷ ବା ତାହାଠାରୁ କମ୍ । ପ୍ରଧାନ ଗ୍ରୁପ୍ ଭୁକ୍ତ କରାଯାଇଥିବା ସ୍ୱାମୀମାନଙ୍କ ବୟସ ଥିଲା ୩୧ ଠାରୁ ୩୫ ବର୍ଷ ମଧ୍ୟରେ ଓ ସେମାନଙ୍କର ସ୍ତ୍ରୀମାନଙ୍କ ବୟସ ଥିଲା ଏହାଠାରୁ ୫ ବର୍ଷ କମ୍ ।

ଲୁପ୍ ବ୍ୟବହାର କରିବା ପୂର୍ବରୁ ୭୦ ଜଣ ସ୍ତ୍ରୀ ଲୋକଙ୍କ ମଧ୍ୟରୁ ଶତକଡ଼ା ୧୫.୭ ଜଣଙ୍କର ଥରକରୁ ଜାସ୍ତି ଥର ପର୍ଯ୍ୟନ୍ତ ଗର୍ଭ ସଂଗ୍ଠର ହୋଇଥିଲା ଓ ଅବଶିଷ୍ଟ ଶତକଡ଼ା ୩୦ ଜଣଙ୍କର ୨ ଥରରୁ ୧୧ ଥର ପର୍ଯ୍ୟନ୍ତ ଗର୍ଭସଂଗ୍ଠର ହୋଇଥିଲା । ପ୍ରାପ୍ତ ଶତକଡ଼ା ୭୪ ଭାଗ ସ୍ତ୍ରୀଲୋକଙ୍କର ଗୃହେଷ୍ଟିରୁ ଛଅଟି ପର୍ଯ୍ୟନ୍ତ ପିଲା ଜୀବନ୍ତ ରହିଥିଲେ । ଯେଉଁ ଦମ୍ପତିମାନଙ୍କର ଉଦାହରଣ ଦିଆଯାଇଛି ସେମାନଙ୍କ ଜୀବନ୍ତ ପିଲାପିଲିଙ୍କ ହାରାହାରି ସଂଖ୍ୟା ଥିଲା ୪.୩୭ ।

ଉଦାହରଣରେ ବର୍ଣ୍ଣିତ ସ୍ୱାମୀ ବା ସ୍ତ୍ରୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ଖୁବ୍ କେଣୀ ନ ଥିଲା । ସ୍ୱାମୀ-ମାନଙ୍କ ମଧ୍ୟରୁ ଏକ-ଚତୁର୍ଥାଂଶରୁ ଅଧିକ ଓ ସ୍ତ୍ରୀ ଲୋକ ମାନଙ୍କ ମଧ୍ୟରୁ ପ୍ରାପ୍ତ ଅର୍ଦ୍ଧେକ ସଥାକ୍ରମେ ନିରକ୍ଷର ଓ ନିରକ୍ଷର ଥିଲେ । ଶତକଡ଼ା ୧୦ ଜଣ ପୁରୁଷ ଓ ୭୦ ଜଣ ସ୍ତ୍ରୀ ଲୋକ ପ୍ରାଥମିକ ସୋପାନର ଶିକ୍ଷାଲାଭ କରିଥିଲେ । ଏକ-ତୃତୀୟାଂଶ ସ୍ୱାମୀ ମାଇନର୍ ସ୍କୁଲରେ ଶିକ୍ଷାଲାଭ କରିଥିଲେ । ଅର୍ଥ ଉପାର୍ଜନ ସକାଶେ ଉଦାହରଣଭୁକ୍ତ ସ୍ତ୍ରୀ ଲୋକମାନଙ୍କ ମଧ୍ୟରୁ କେବଳ ଦୁଇଜଣେ ଘରୁଆଡ଼ ବାହାରେ କାମ କରୁ ନ ଥିଲେ । ସେହି ସ୍ତ୍ରୀଲୋକ ମାନଙ୍କର ସ୍ୱାମୀମାନଙ୍କ ମଧ୍ୟରୁ ଶତକଡ଼ା ୯ ଜଣ ଇଞ୍ଜିନିୟରିଂ କାର୍ଯ୍ୟରୁ ଆରମ୍ଭ କରି କମିଶନ ଭିତ୍ତିରେ କାର୍ଯ୍ୟ କରୁଥିଲେ । ପ୍ରାପ୍ତ ଶତକଡ଼ା ୬୮ ଜଣ ଷ୍ଟେଁକାଟିଆ ବ୍ୟବସାୟୀ ବା ବୈଜ୍ଞାନିକ ଶ୍ରମସାଧ୍ୟ କାର୍ଯ୍ୟରେ ନିଯୁକ୍ତ ଥିଲେ । ଶତକଡ଼ା ୭୭ ଜଣ ସ୍ୱାମୀଙ୍କର ମାସିକ ଆୟ ଦୁଇଶହ ଟଙ୍କାରୁ କମ୍ ଥିଲା । ସେହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ପ୍ରାପ୍ତ ସମସ୍ତଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥା ନିମ୍ନସ୍ତରର ଥିଲା । ସେମାନଙ୍କ ମଧ୍ୟରୁ ଶତକଡ଼ା ୫୩ ଜଣ ସ୍ତ୍ରୀଲୋକ ଗୋଟିକିଆ ପରିବାରରେ ବାସ କରୁଥିବାସ୍ଥଳେ ଶତକଡ଼ା ୪୭ ଜଣ ସ୍ତ୍ରୀଲୋକ ଏକାନ୍ନବର୍ତ୍ତୀ ପରିବାରରେ ବାସ କରୁଥିଲେ ।

ଲୁପ୍ ସଂପର୍କରେ କେତେକ ତଥ୍ୟ—ଉପରୋକ୍ତ ଅନୁଧ୍ୟାନରୁ ଜଣାଗଲା ଯେ ଏହି ସ୍ତ୍ରୀଲୋକ-ମାନେ ପଡ଼ୋଶୀମାନଙ୍କ ନିକଟରୁ, ସ୍ତ୍ରୀ ରୋଗ ଚିକିତ୍ସା ବହିଗତ, ମାତୃମଙ୍ଗଳ ଓ୍ୱାର୍ଡ଼, ପରିବାର ନିୟନ୍ତ୍ରଣ କ୍ଲିନିକ୍ ଓ ବନ୍ଧୁବାନ୍ଧବମାନଙ୍କ ଘରୁ ଲୁପ୍ ବିଷୟରେ

"ଭାରତ ପକ୍ଷ ଗ୍ରାମ ଯଦି ମୁଁହିବା ନଗର ଉପାସକ ହୁଏ, ତେବେ ଭାରତର ଜନ୍ମ ଅଣସାମ୍ବୀ ହେବ ।"

—ଗାନ୍ଧିଜୀ

ଶୁଣିଥିଲେ । ଏହି ୫ଟି ସ୍ଥାନ ମଧ୍ୟରୁ ଦୁଇଟି ଦେଖିଛୁ ଯୁଥ୍ ସଂପର୍କୀୟ ଆନୁଷ୍ଠାନିକ ତଥ୍ୟ ପ୍ରଦାନକାରୀ କେନ୍ଦ୍ର ଓ ଅନ୍ୟ ଦୁଇଟି ସ୍ଥାନ ଦେଖିଛୁ ବ୍ୟକ୍ତିଗତ ଆଲାପ ଆଲୋଚନାର ସ୍ଥାନ ।

ଗୃହିଣୀମାନେ ଯେଉଁ ଯେଉଁ ସ୍ଥଳରୁ ଲୁପ୍ ବିଷୟରେ ଶୁଣିଥିଲେ ସେଥିମଧ୍ୟରେ ପଡୋଶୀ-ମାନଙ୍କ ନାମ ବାରମ୍ବାର ଉଲ୍ଲେଖ କରିସାଇଥିଲ (ଶତକଡ଼ା ୨୮·୬ ଜଣ) । ଶତକଡ଼ା ୨୧·୫ ଜଣ ସ୍ତ୍ରୀଲୋକ ଏହି ପଦ୍ଧତିରେ ପରିବାର ନିୟନ୍ତ୍ରଣ କରିବାର ଫଳ ସଂପର୍କରେ ସ୍ତ୍ରୀରୋଗ ବିଜ୍ଞାନ ବା ମାତୃମଙ୍ଗଳ ବିଭାଗରୁ ଶୁଣିଥିଲେ । ଏକାଧିକ ସ୍ଥାନରୁ ଗୋଟିଏ ବିଷୟ ଶୁଣିବା ଫଳରେ ତାହାର ପ୍ରଭାବ ସିଦ୍ଧାନ୍ତ ଉପରେ ପଡ଼ିଥାଏ ଓ ନିଷ୍ପତ୍ତି ଗ୍ରହଣ ମଧ୍ୟ ପ୍ରଭାବିତ ହୋଇଥାଏ । ଏହି ବିଷୟରୁ ପରିବାର ନିୟନ୍ତ୍ରଣର ବିଭିନ୍ନ ପଦ୍ଧତି ସଂପର୍କରେ ବ୍ୟାପକ ଚାରର ଆବଶ୍ୟକତା ସୂଚିତ ହୁଏ । ଏଥିର ଏକ-ତୃତୀୟାଂଶରୁ ଅଧିକ କ୍ଷେତ୍ରରେ ପୂର୍ବରୁ ଲୁପ୍ ବ୍ୟବହାର କରିଥିବା ପଡ଼ୋଶୀ ସ୍ତ୍ରୀଲୋକଙ୍କ ତଥ୍ୟ ଯୋଗାଇବାର ସ୍ଥାନ ଉତ୍ସ ସ୍ୱଭାବରେ ଜାମ୍ପ କରିଛୁ । ଯେଉଁ ସ୍ତ୍ରୀଲୋକମାନଙ୍କର ଉଦାହରଣ ଦିଆଯାଇଛୁ ସେମାନେ ଲୁପ୍ ନେଇସାରିବା ପରେ ଉତ୍ସାହିତ ହୋଇ କହିଥିଲେ ଯେ ସେମାନେ ନିଶ୍ଚୟ ଏ ବିଷୟ ଅନ୍ୟ ପଡ଼ୋଶୀ ମହିଳାଙ୍କୁ କହିବେ । ସେମାନେ ଏ ବିଷୟରେ ସଂକୋଚ ବୋଧ କରି ନ ଥିଲେ । ଅନୁସନ୍ଧାନରୁ ଜଣାଯାଇଛୁ ଯେ ପ୍ରକାଶିତ ପୁସ୍ତକ ବା ପ୍ରସ୍ତରର ବିଷୟବସ୍ତୁ ଅପେକ୍ଷା ମୌଖିକ ଆଳାପ ଦ୍ୱାରା ପରିବାର ନିୟନ୍ତ୍ରଣ ବାର୍ତ୍ତା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚାଇବା ଅଧିକ ସମ୍ଭବପର । ଜଣେ ମହିଳା ଯେ କି ନିଜେ ଲୁପ୍ ବ୍ୟବହାର କରିଥିଲେ ଓ ଲୁପ୍ ବ୍ୟବହାର କରିବାପାଇଁ ୩୪ ଜଣ ମହିଳାଙ୍କୁ ପରିବାର ଯୋଜନା କେନ୍ଦ୍ରକୁ ଆଣିଥିଲେ ତାଙ୍କ ସହିତ ସାକ୍ଷାତ ହେବା ପରେ ମୌଖିକ ପ୍ରସ୍ତର ଉପରେ ଗୁରୁତ୍ୱ ଦିଆଯାଇଥିଲ । ସାକ୍ଷାତକାରୀଙ୍କୁ ସେ କହିଥିଲେ "ମୁଁ ମୋ ଅଞ୍ଚଳରୁ ଅନେକ ମହିଳାଙ୍କୁ ପରିବାର ଯୋଜନା କେନ୍ଦ୍ରକୁ ଆଣିପାରିଥାନ୍ତି କିନ୍ତୁ ସେମାନଙ୍କ ସହିତ ଆସିବାବେଳେ ପ୍ରତ୍ୟେକର ନିଜ ବସ୍ ଭଡ଼ା ଦେବାକୁ ମୁଁ ଅକ୍ଷମ । ମୋ ପାଇଁ ବସ୍ ଭଡ଼ା ଦେବାର ଶକ୍ତି ବି ସେମାନଙ୍କର ନାହିଁ ।"

ଶତକଡ଼ା ୭ ଜଣ ସ୍ତ୍ରୀଲୋକ ଅର୍ଥାତ୍ ଶତକଡ଼ା ୯୩ ଜଣ ସ୍ତ୍ରୀଲୋକ ଲୁପ୍ ବ୍ୟବହାର କରିବାରେ କି ପ୍ରକାର ସୁବିଧା ରହିଛୁ ସେ ବିଷୟରେ କିଛୁ ଶୁଣିବା ପ୍ରକାଶ କରିଥିଲେ । ଅଳ୍ପ କେତେକ ସ୍ତ୍ରୀଲୋକ ରକ୍ତସ୍ରାବ ଓ ଦୁର୍ବଳତା ଇତ୍ୟାଦି ପ୍ରତିକୂଳ ସମ୍ବାଦ ଶୁଣିବାର ପ୍ରକାଶ କରିଥିଲେ । ଲୁପ୍ ନେବା ପାଇଁ ଆଗ୍ରହୀ ଅନ୍ୟଜଣେ ମହିଳା କହିଥିଲେ, "ଆମର ସାମାନ୍ୟ ରକ୍ତସ୍ରାବ ଓ ପିଠି ବ୍ୟଥା ହେଲେ ସେଥିରେ କିଛୁ ଯାଏ ଆସେ ନାହିଁ । ନଅମାସ ପର୍ଯ୍ୟନ୍ତ ସନ୍ତାନକୁ ଗର୍ଭରେ ଧରିବାରେ, ପ୍ରସବ ସମୟରେ ତଥା ସନ୍ତାନ

"ଏବେ ସ୍ୱଦେଶପ୍ରତି ଆମ୍ଭମାନଙ୍କୁ ଶିକ୍ଷା ଦେଇଅଛୁ ଯେ କ୍ୟୁକୁ ପରିବାର ପାଇଁ, ପରିବାରକୁ ଗ୍ରାମ ପାଇଁ, ଗ୍ରାମକୁ ଜିଲ୍ଲା ପାଇଁ, ଜିଲ୍ଲାକୁ ପ୍ରଦେଶପାଇଁ ଏବଂ ପ୍ରଦେଶକୁ ଦେଶ ପାଇଁ ଜୀବନ ଦାନ ଦେବାକୁ ହେବ ।"

—ଗାନ୍ଧିଜୀ

ସନ୍ତାନଙ୍କୁ ଲାଳନପାଳନ କରିବାରେ ଆମକୁ ଯେଉଁଭଳି କଷ୍ଟ ସ୍ୱୀକାର କରିବାକୁ ପଡ଼େ ତାହା ତୁଳନାରେ ଏହା ବେଶୀ କିଛି ନୁହେଁ । ଅଧିକ ସନ୍ତାନ ଜନ୍ମ କରିବା ଅପେକ୍ଷା ଲୁପ୍ ଅଧିକ ଶ୍ରେୟସ୍କର ।" ଅନ୍ୟଜଣେ ଗୃହିଣୀ କହିଲେ, "ପ୍ରତ୍ୟେକ ଥର ମୋର ପ୍ରସବ ବେଦନା ଏତେ ଦୁଃସହ ହୁଏ ଯେ ଘରେ ଅନ୍ୟମାନେ କହନ୍ତି, ଏହାର ଆଉ ଅଧିକ ସନ୍ତାନ ନ ହେଉ । ବର୍ତ୍ତମାନ ମୋର ଗୋଟେଇ ସନ୍ତାନ ଓ ବର୍ତ୍ତମାନ ଏ ଦରଦାମ୍ ବୃଦ୍ଧି ସମୟରେ ସେମାନଙ୍କୁ ଲାଳନପାଳନ କରିବା ଅତ୍ୟନ୍ତ କଷ୍ଟକର ।" ଲୁପ୍ ଗ୍ରହଣ ସମ୍ବନ୍ଧରେ ଶତକଡ଼ା ୮୩ ଜଣ ସ୍ତ୍ରୀଲୋକଙ୍କର ଭୟ ବା ଉଦ୍‌ବେଗ ନଥିଲା । ଶତକଡ଼ା ୧୨ ଜଣ ସ୍ତ୍ରୀଲୋକ ସ୍ୱୀକାର କରିଥିଲେ ଯେ ସମ୍ଭାବ୍ୟ ରକ୍ତସ୍ରାବ ଓ ଗିଠି ବ୍ୟଥା ଇତ୍ୟାଦି ବିଷୟରେ ସେମାନଙ୍କର ଭୟ ବା ଆଶଙ୍କା ରହିଛି । ଏଥିରୁ ସୂଚିତ ହୋଇଥିଲା ଯେ ଡାକ୍ତର ଓ ପରିବାର ଯୋଜନା କର୍ମୀମାନଙ୍କ ନିକଟରୁ ସେମାନେ ଆଶ୍ୱାସନା ପାଇବା ସଙ୍ଗେ ସଙ୍ଗେ ଏ ବିଷୟରେ ଭଲ-ମନ୍ଦ ଜାଣିବାକୁ ଚାହୁଁଥିଲେ ।

ଲୁପ୍ ନେବାପାଇଁ ଆସିଥିବା ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ଶତକଡ଼ା ୯୩ ଜଣ ସ୍ତ୍ରୀଲୋକ ସେହି ପଦ୍ଧତି ସଂପର୍କରେ ପୂର୍ବରୁ ଶୁଣିଥିଲେ; ଲୁପ୍ ସମ୍ବନ୍ଧରେ ଶୁଣିବା ସଙ୍ଗେ ସଙ୍ଗେ ଲୁପ୍ ନେବାପାଇଁ ଶତକଡ଼ା ୮୪ ଜଣ ସ୍ତ୍ରୀଲୋକ ମନସ୍ଥ କରିଥିଲେ; ଅବଶିଷ୍ଟ ସ୍ତ୍ରୀଲୋକମାନେ ଲୁପ୍ ସମ୍ବନ୍ଧରେ ଶୁଣିବାର ମାସକ ମଧ୍ୟରେ ଲୁପ୍ ନେବାପାଇଁ ସ୍ଥିର କରିଥିଲେ । ତେବେ ଯାହା ହେଉନା କାହିଁକି ଅନେକ ଘଟଣାରେ ଲୁପ୍ ନେବାପାଇଁ ସିଦ୍ଧାନ୍ତ କରିବା ଓ କାର୍ଯ୍ୟତଃ ଲୁପ୍ ନେବା ମଧ୍ୟରେ କିଛି ସମୟ ଅନ୍ତରାଳ ହୋଇଥିଲା । ସ୍ୱାସ୍ଥ୍ୟଜନିତ କାରଣରୁ ବା ପାରିବାରିକ ଅସୁବିଧା ଦୃଷ୍ଟିରୁ ଏପରି ବିଳମ୍ବ ଘଟିଥିଲା । କେବଳ ଶତକଡ଼ା ୫୫ଟି ଘଟଣାରେ ଦ୍ୱିଧା ବା ଭୟ ଇତ୍ୟାଦି କଳ୍ପିତ କାରଣରୁ ଏପରି ବିଳମ୍ବ ଘଟିଥିଲା । କୌଣସି ସ୍ତ୍ରୀ ଲୁପ୍ ନେବ କି ନାହିଁ ସେ ବିଷୟ ସ୍ଥିର କରିବାରେ ତାଙ୍କ ସ୍ୱାମୀଙ୍କର ଏକ ବିଶେଷ ଦାୟିତ୍ୱ ପରି ମନେହୁଏ । ଶତକଡ଼ା ୭୪ଟି ଘଟଣାରେ ସ୍ୱାମୀ ସ୍ତ୍ରୀ ପରସ୍ପର ସହିତ ଆଲୋଚନା କରିବା ପରେ ଏହି ସିଦ୍ଧାନ୍ତ ଗ୍ରହଣ କରି ପାଇଥିଲା । ପ୍ରାୟ ଶତକଡ଼ା ୧୪ଟି ଘଟଣାରେ ସ୍ତ୍ରୀ ସେଉଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ, ସ୍ୱାମୀ ସେଥିରେ ଏକମତ ହୋଇଥିଲେ । କେବଳ ଶତକଡ଼ା ୨ଟି ଘଟଣାରେ ସ୍ୱାମୀର ଅଜ୍ଞତାରେ ସ୍ତ୍ରୀ ଲୁପ୍ ବ୍ୟବହାର କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ ଓ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ଏହିପରି ଘଟଣାରୁ ପୁରୁଷମାନଙ୍କୁ ଲୁପ୍ ସଂପର୍କରେ ଅବହିତ ରଖିବାର ଆବଶ୍ୟକତା ଜଣାପଡ଼େ ।

ଲୁପ୍ ବ୍ୟବହାର ପାଇଁ ପ୍ରରୋଚନା—

ଅଧିକାଂଶ ଗୃହିଣୀ (ଶତକଡ଼ା ୮୪ ଜଣ) ପୂର୍ବରୁ ପରିବାର ଯୋଜନା ବିଷୟ ଜାଣିଥିଲେ । ଲୁପ୍ ଲଗାଇବା ପାଇଁ ପ୍ରିବା ପୂର୍ବରୁ ସେମାନେ କୌଣସି ନ

"ମୋ ଦେଶ ସ୍ୱାଧୀନ ହେଲେ ଅନ୍ୟାନ୍ୟ ଦେଶ ଠାରୁ କହୁ ଶିକ୍ଷା ଜଣ ପାରିବେ । ମୁଁ ଏହି ପୋଷୁଁ ମୋ ଦେଶର ସ୍ୱାଧୀନତା ଗୁଡ଼େଁ ।"

—ଗାନ୍ଧିଜୀ

କୌଣସି ଗର୍ଭନିରୋଧ ଉପଚାର ବ୍ୟବହାର କରୁଥିଲେ। ସେମାନେ ଯେଉଁ ସବୁ ପ୍ରଚଳିତ ଗର୍ଭନିରୋଧ ପଦ୍ଧତି ବ୍ୟବହାର କରୁଥିଲେ ତାହା ନଭେମ୍ବର ଯୋଗ୍ୟ ନଥିଲେ ସେମାନଙ୍କ ମଧ୍ୟରୁ ଶତକଡ଼ା ୪୭ ଜଣ ବନ୍ଧ୍ୟତ୍ୱ ଥିଲେ । ଶତକଡ଼ା ୬୯ ଜଣ ଅସୁସ୍ଥତା ବୋଧ କରିବା ଓ ଗୋପନୀୟତାର ଅଭାବ ଇତ୍ୟାଦି ବ୍ୟକ୍ତିଗତ କାରଣମାନ ଦର୍ଶାଇଥିଲେ । ସ୍ୱାମୀ ବା ଶାଶୁଙ୍କର ଅନିଚ୍ଛା ଇତ୍ୟାଦି ପାରିବାରିକ କାରଣ ଯୋଗୁଁ ଶତକଡ଼ା ୧୪.୩ ଜଣ ସ୍ତ୍ରୀଲୋକ ଅସନ୍ତୁଷ୍ଟ ହୋଇଥିଲେ। ଯେଉଁ ସ୍ତ୍ରୀଲୋକମାନଙ୍କ ସହିତ ସାକ୍ଷାତକାରର ବ୍ୟବସ୍ଥା ହୋଇଥିଲ ସେମାନଙ୍କ ମଧ୍ୟରୁ ଶତକଡ଼ା ୮୨ ଜଣ ସ୍ତ୍ରୀଲୋକ ଅଧିକ ସନ୍ତାନ ହେବା ଗୁଡ଼ିଁ ନ ଥିଲେ । ସେମାନଙ୍କ ଦୃଷ୍ଟିରେ କୁଟୁ ଥିଲ ସନ୍ତାନ ଉତ୍ପାଦନ ଶକ୍ତି ହ୍ରାସ କରିବାର ଏକ ବ୍ୟବସ୍ଥା ମାତ୍ର । କେବଳ ଶତକଡ଼ା ୧୨.୯ ଜଣ ସ୍ତ୍ରୀଲୋକ ସନ୍ତାନ ହେବା ଗୁଡ଼ିଁ ଥିଲେ । ମାତ୍ର ସେଥିରେ ବ୍ୟବଧାନ ରହିବା ପାଇଁ ଲୁପ୍ ନେବାକୁ ଇଚ୍ଛା କରୁଥିଲେ ।

ଆପଣ କାହିଁକି ପରିବାର ନିୟନ୍ତ୍ରଣ କରିବାକୁ ଚାହାନ୍ତି ? ଏହି ପ୍ରଶ୍ନର ଉତ୍ତରରୁ ଜଣାପଡ଼ିଥିଲ ଯେ ଅର୍ଥନୈତିକ କାରଣ ହେଉଛି ଏପରି କରିବାର ସବୁଠାରୁ ବଡ଼ କାରଣ । ଶତକଡ଼ା ୫୦ ଜଣ ସ୍ତ୍ରୀଲୋକ ଏହି କାରଣ ଦର୍ଶାଇଥିଲେ । ଅର୍ଥନୈତିକ କାରଣ ଓ ନିଜର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଲୁପ୍ ନେବାପାଇଁ ଶତକଡ଼ା ୬୭ ଜଣ ସ୍ତ୍ରୀଲୋକ ମନସ୍ଥ କରିଥିଲେ ।

ଯେଉଁ ସ୍ତ୍ରୀଲୋକମାନଙ୍କ କାମନା କରିଛି ହୋଇଛି ସେମାନେ ସମସ୍ତେ ପ୍ରାୟ ପରିବାର ସମ୍ବନ୍ଧରେ ପୂର୍ବାପର ସଚେତନ ଥିଲେ । ସେମାନଙ୍କ ମଧ୍ୟରୁ ୮୪.୩ ଜଣ ସ୍ତ୍ରୀଲୋକ ୨ ରୁ ୩ଟି ସନ୍ତାନ ହେବା ପସନ୍ଦ କରିଥିଲେ । ଏହି ଆଦର୍ଶ ପାଳନ କରି ନ ଥିବାରୁ ସାକ୍ଷାତକାରପାଇଁ ଆସିଥିବା କେତେକ ମହିଳା ଖୋଲ ପ୍ରକାଶ କରିଥିଲେ । ସେହି ସ୍ତ୍ରୀଲୋକମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣ କହିଥିଲେ, "ଚାରୋଟି ସନ୍ତାନ— ଦୁଇଟି ପୁଅ ଓ ଗୋଟିଏ ଝିଅ ଥିବା ପରିବାର ବାସ୍ତବିକ ଆଦର୍ଶ ପରିବାର । କିନ୍ତୁ କଣ କରିପିବ ? ମୁଁ ଯେତୋଟି ସନ୍ତାନ ସନ୍ତତି ଗର୍ଭିଁଥିଲ ତାହା ଅପେକ୍ଷା ଗୋଟିଏ ଅଧିକ ହୋଇଥିଲ ।"

ଗତବର୍ଷ ୧୨ ଲକ୍ଷ ଲୁପ୍ ଲଗାଯାଇଛି— ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକାରେ ଲୁପ୍‌କୁ ଏକ ସାଧାରଣ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରିଯାଇଛି ଓ ତାହା ଜନସାଧାରଣଙ୍କ ମଧ୍ୟରେ ବିଶେଷ ଆଦୃତ ହୋଇଛି ।

ଗତବର୍ଷ ସାରାରେ ୧.୨ ନିୟୁତ ସ୍ତ୍ରୀଲୋକ ଲୁପ୍ ନେଇଥିଲେ । ବଡ଼ ଆଶ୍ଚର୍ଯ୍ୟର କଥା ଯେ ଲୁପ୍ ଆଦୃତ ହେଉଥିବା ବିଷୟ ଏଥିରୁ ସୂଚିତ ହୋଇଛି । ଲୁପ୍ ପ୍ରୟୋଗ ସତ୍ତ୍ୱେ କେତେକ କ୍ଷେତ୍ରରେ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲ ତାହା ପୂରଣ ନ ହେବାରୁ ସନ୍ଦେହ ଜନ୍ମିଥିଲ ଯେ ସରକାର ଯେଉଁ ପଦ୍ଧତିକୁ ବେଶୀ ପସନ୍ଦ କରୁଛନ୍ତି ତାହା ଅସାଧାରଣ

"ସତ୍ୟପ୍ରତି ଅନୁରକ୍ତି ହେବା ଆମ୍ଭମାନଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ । ଆମ୍ଭମାନଙ୍କ ସମସ୍ତ ଚାଳିତ ହେଉ ସତ୍ୟ ସହିତ ସମୀଚୀନ । ସତ୍ୟ ଆମ୍ଭମାନଙ୍କ ନାସାର ନିଶ୍ୱାସ ପବନ ହେବା ଉଚିତ ।"

—ଗାନ୍ଧିଜୀ

ପ୍ରତ୍ୟକ୍ଷଜଳର ପଞ୍ଜୁଖୀନ ହେଉଛି । ଏ ବିଷୟରେ ଜନସାଧାରଣଙ୍କ ଅଜ୍ଞତା ଓ ଅନ୍ୟାନ୍ୟ ପଛୁଡ଼କୁ ଜିଆଇବ କରୁଥିବା କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ଦ୍ୱାରା ଲୁଟ୍ ନେବାର ପରବର୍ତ୍ତୀ ପ୍ରକ୍ରିୟା ବିଷୟରେ ଭ୍ରମାତ୍ମକ ତଥ୍ୟ ପରିବେଷଣ ଯୋଗୁଁ ଏପରି ଘଟିଥିଲା । ଦେଶରେ ସେ ଲୁଟ୍ ପ୍ରସ୍ତାବ ବିଶେଷଜ୍ଞଙ୍କେ ବୁଝି ପାଇଛନ୍ତି ତାହା ଏବେ ବି କୁହାସାରି ନ ପାରେ । ବ୍ୟାପକ ପ୍ରଚାର ଓ ଜନମତ କାର୍ଯ୍ୟ ବ୍ୟବସ୍ଥା କରାଗଲେ ଏହି ଦ୍ୱାରା ଦ୍ରୁତଗତିରେ ବୃଦ୍ଧି ପାଇବ ଓ ଜନସଂଖ୍ୟା ବୃଦ୍ଧି ଦ୍ୱାରା ବିଶେଷ ରୂପେ ହ୍ରାସ କରିବା ଦିଗରେ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଯଥା ସମୟରେ ଅନୁଭୂତ ହେବ ।

ଯୋଗାଯୋଗ

ଦେଶର ବିଭିନ୍ନ ଅଞ୍ଚଳ ମଧ୍ୟରେ ଯାତ୍ରା ଆରମ୍ଭ କରିବା ଓ ପୃଥିବୀର ବିଭିନ୍ନ ଦେଶସହ ସିରଡର ଯୋଗାଯୋଗ ବ୍ୟବସ୍ଥା କରିବା ସ୍ୱାଧୀନ ଭାରତର ଏକ ପ୍ରଧାନ ସମସ୍ୟା ଥିଲା । ସ୍ଥଳ, ରେଳ, ଆକାଶ ପଥ ଓ ସମୁଦ୍ରରେ ପରିବହନ ସୁବିଧା ଅର୍ଥନୈତିକ ଜୀବନର ଏକ ଅଙ୍ଗ କହିଲେ ଚଳେ । ପରିବହନ ବ୍ୟବସ୍ଥାର ଉନ୍ନତି ଦିଗରେ କେତେକ ସାଫଲ୍ୟ ହାସଲ ହୋଇଛି ।

ସ୍ୱାଧୀନତା ରେଳବାଇର କଲ୍ୟେମିଟର ପଥ ୧୯୫୦-୫୧ରେ ୫୩,୬୦୦ରୁ ୧୯୬୬ରେ ୫୮,୪୦୦କୁ ବୃଦ୍ଧି ପାଇଛି । ଏହି କାଳରେ ଇଂଜିନ୍ ସଂଖ୍ୟା ୮,୨୦୦ରୁ ୧୧,୭୦୦କୁ ଏବଂ ଗାଡ଼ି ସଂଖ୍ୟା ୧୯,୫୪୦ରୁ ୩୨,୮୦୦କୁ ବୃଦ୍ଧି ପାଇଛି । ୧୯୫୦-୫୧ରେ ମାଲ ଗାଡ଼ି ସଂଖ୍ୟା ୨,୦୫,୬୦୦ ଥିବା ସ୍ଥଳେ ଆଜି ୩,୭୦,୦୦୦ ହୋଇଛି ।

ସିରଡର ପାଞ୍ଚ ହଜାର କଲ୍ୟେମିଟର ଉପକୂଳରେ ଆଠୋଟି ବୃହତ ବନ୍ଦର ନିର୍ମାଣ କରାଯାଇଛି । ଦୁଇଟି ସବୁଜନଆ ବନ୍ଦର ମାଙ୍ଗାଲୋର ଓ ଟୁଟିକୋରିନ୍‌ରେ ନିର୍ମାଣ କରାଯାଉଛି । ତା'ଛଡ଼ା ଆଉ ୨୨୫ଟି କ୍ଷୁଦ୍ର ବନ୍ଦର ଅଛି । ବିଭିନ୍ନ ଜାହାଜ ନିର୍ମାଣ କାରଖାନା ୫୬ଟି ସାଗରଗାମୀ ଜାହାଜ ନିର୍ମାଣ କରି ସାରିଛନ୍ତି ।

ଦୁଇଟି ସରକାରୀ ବିମାନ ଚଳାଚଳ ବ୍ୟବସ୍ଥା ହେଲା ଇଣ୍ଡିଆନ୍ ଏୟାର୍ ଲାଇନ୍ସ କର୍ପୋରେସନ ଓ ଏୟାର ଇଣ୍ଡିଆ । ପ୍ରଥମଟି ୬୬ଟି ସହର ମଧ୍ୟରେ ଯାତାୟାତ କରୁଛି । ଏୟାର ଇଣ୍ଡିଆ ପୃଥିବୀର ୧୯ଟି ଦେଶକୁ ଯାଉଛି । ବିମାନ ଯାତ୍ରୀ ସଂଖ୍ୟା ଛଅ ଗୁଣ ବୃଦ୍ଧି ପାଇଛି । ମାଲ ପରିମାଣ ଆଠ ଗୁଣ ଓ ଚିଠିପତ୍ର ୧୭ ଗୁଣ ବୃଦ୍ଧି ପାଇଛି । ଦେଶରେ ବର୍ତ୍ତମାନ ୮୫ଟି ବେସାମରିକ ବିମାନ ଘାଟୀ ଅଛି । ୧୯୪୭ରେ ବିମାନ ଘାଟୀ ସଂଖ୍ୟା ଥିଲା ୭୭ ।



ଓଡ଼ିଶା ଭଳି ଏକ କୃଷିପ୍ରଧାନ ରାଜ୍ୟରେ ପଣ୍ୟାଗାରର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା କେବେଡ଼େଲେ ଅସ୍ୱୀକାର କରାଯାଇ ନ ପାରେ । ପଚନଶୀଳ ପଦାର୍ଥଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ଦୀର୍ଘକାଳ ପାଇଁ ସଂରକ୍ଷିତ କରି ରଖିବା ଓ ଏହା ଦ୍ୱାରା ଉତ୍ପାଦକମାନେ ଯେପରି ନିଜର ଉତ୍ପନ୍ନ ଦ୍ରବ୍ୟ ପାଇଁ ଉତ୍ତମ ମୂଲ୍ୟ ପାଇପାରିବେ ତଦ୍ଦିଷୟରେ ସହାୟତା କରିବା ଏହି ପରିକଳ୍ପନାର ପ୍ରଧାନ ଲକ୍ଷ୍ୟ ।

ପ୍ରତ୍ୟେକ କୃଷକ ତଥା ଉତ୍ପାଦନକାରୀ ଗୃହସ୍ଥ ସେ ବତ୍ସରକୁ ସଞ୍ଚୟ ଯେଉଁ ଫସଲ ଅମଳ କରିଛନ୍ତି ତାର କାଣିଟିଏ ସୁଦ୍ଧା ଯେପରି ନଷ୍ଟ ନ ହେଉ ଏହି ଉଦ୍ଦେଶ୍ୟରେ ନିଜର ଉତ୍ପନ୍ନ ଦ୍ରବ୍ୟକୁ ସୁରକ୍ଷିତଭାବରେ ସାଇତି ରଖିବାକୁ ସେ ବତ୍ସରକୁ ସ୍ଥିର କରନ୍ତି । ବହୁବିଧ ଓ ଅସଂଖ୍ୟ କୀଟପତଙ୍ଗଙ୍କ ଆକ୍ରମଣରୁ ନିଜର ସଂରକ୍ଷଣ ସ୍ଥାନଟି ତାଙ୍କୁ ରକ୍ଷା କରିବାକୁ ପଡ଼େ କାରଣ କୀଟପତଙ୍ଗ ଆକ୍ରମଣରୁ ରକ୍ଷା ନ କଲେ ସେମାନେ ପରିଶ୍ରମର ସୁଫଳକୁ ସେମାନେ ଧ୍ୱଂସ କରିଦେଇପାରନ୍ତି ।

ନିଜ ଉତ୍ପନ୍ନ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟି ଅଧିକ ଲାଭ ମିଳିବା ଆଶାରେ ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ପ୍ରଧାନତଃ ସାଇତି ରଖାଯାଏ । ଦୀର୍ଘକାଳ ଧରି ରଖାଯାଇଥିବା ଦ୍ରବ୍ୟଗୁଡ଼ିକର ଅବସ୍ଥା ଯଦି ଭଲ ନ ରହେ ତେବେ ତାହାର କୌଣସି ମୂଲ୍ୟ ରହିବ ନାହିଁ ଓ ସମସ୍ତ ଉଦ୍ୟମ ପଣ୍ଡ ହୋଇଯିବ ।

ସମସ୍ୟାଗୁଡ଼ିକୁ ଏହି ଦୃଷ୍ଟିରୁ ବଚାର କରାଯାଇ ପଣ୍ୟ ସଂରକ୍ଷଣ ପରିକଳ୍ପନା ଆରମ୍ଭ କରାଯାଇଥିଲା । ଦୀର୍ଘକାଳ ପାଇଁ ଉତ୍ପନ୍ନ ଦ୍ରବ୍ୟକୁ ବୈଜ୍ଞାନିକ ପଦ୍ଧତିରେ ସାଇତି ରଖିବା ଦ୍ୱାରା ଉତ୍ପାଦକମାନେ ଯେପରି ଉତ୍ତମ

ମୂଲ୍ୟ ପାଇପାରିବେ ଓ ପଣ୍ୟାଗାରରେ ରଖାଯାଇଥିବା ଦ୍ରବ୍ୟ ଉପରେ ସରଳସୁଧ ଷ୍ଟେଟ୍ ବ୍ୟାଙ୍କଠାରୁ ଉପଯୁକ୍ତ ସୁଧରେ ଋଣପ୍ରାପ୍ତି ଯେପରି ଋଣ ଆଣି ପାରିବେ ତହିଁରେ ସହାୟତା କରିବା ପଣ୍ୟ ସଂରକ୍ଷଣ ପରିକଳ୍ପନାର ପ୍ରଧାନ ଲକ୍ଷ୍ୟ ।

ଓଡ଼ିଶା ସ୍ୱଳ୍ପ ପଣ୍ୟ ସଂରକ୍ଷଣ କର୍ପୋରେସନ ତା ୨୧ । ୩ । ୧୯୫୮ ମସିହାରେ ସ୍ଥାପିତ ହୋଇଥିଲା । ସ୍ୱଉତ୍ତର ଶଳର୍ଭ ବ୍ୟାଙ୍କ ଦ୍ୱାରା ନିଯୁକ୍ତ ନିଖିଳ ସ୍ୱରତ ଗ୍ରାମ ଋଣ ସର୍ଭେ କମିଟିର ସୁପାରିଶ ଅନୁସାରେ ଏହି ପଣ୍ୟ ସଂରକ୍ଷଣ କର୍ପୋରେସନ ସ୍ଥାପିତ ହୋଇଥିଲା । କୃଷିଜାତ ଦ୍ରବ୍ୟକୁ ବୈଜ୍ଞାନିକ ପଦ୍ଧତିରେ ସାଇତି ରଖିବା ଦ୍ୱାରା ତାହା ଯେପରି ଅଧିକ ପରିମାଣରେ ନଷ୍ଟ ନ ହେବ ଓ ଗାଁ ଗହଳରେ ଋଣ ମିଳିବାରେ ଯେଉଁ ସବୁ ଅସୁବିଧା ଦେଖାଯାଏ ତାହା ଦୂର କରାଯାଇ କୃଷକମାନଙ୍କୁ ଯେପରି ସୁବିଧାରେ ଋଣ ମିଳିପାରିବ ତହିଁର ସୁବିଧା କରିବା ଏହି ପରିକଳ୍ପନାର ପ୍ରଧାନ ଉଦ୍ଦେଶ୍ୟ । ଏହି ପରିକଳ୍ପନା କାର୍ଯ୍ୟକାରୀ କରାଯିବା ଦ୍ୱାରା ଯେଉଁସବୁ ସୁଫଳ ମିଳିପାରିବ, ସେଗୁଡିକ ମଧ୍ୟରେ ପ୍ରଧାନ ହେଲା :—

(କ) ଉତ୍ପନ୍ନ ଦ୍ରବ୍ୟଗୁଡ଼ିକୁ ବ୍ୟାଙ୍କରେ ବନ୍ଧକ ରଖିବା ଦ୍ୱାରା ମଲ୍ଲମ ଡାକ ସେଗୁଡ଼ିକ ବନ୍ଧୀ କରିବା ଦରକାର ହେବ ନାହିଁ ଓ ଆବଶ୍ୟକୀୟ ଗୁହାଡା ଭୁରନ୍ତ ପୂରଣ କରିବା ସକାଶେ ଅଗ୍ରୀମ ଅର୍ଥ ମିଳିପାରିବ ।

(ଖ) ଜନତଗୁଡ଼ିକ ନିସ୍ପତ୍ତି ଉତ୍ପାଦନ ବଢାଇବା ଫଳରେ ଉତ୍ପାଦନକାରୀ ଉଚିତ ମୂଲ୍ୟ ପାଆନ୍ତି ଓ ଖରିଦଦାରମାନେ ଯେଉଁ ମୂଲ୍ୟରେ ସେଗୁଡ଼ିକ ଖରିଦ କରନ୍ତି ତହିଁରେ ଅଧିକ ସନତା ରହିଥାଏ ଓ ଅନାବଶ୍ୟକ ଚିନ୍ତା ନ ଥାଏ ।

୧୯୫୬ ମସିହାରେ କୃଷିଜାତ ଦ୍ରବ୍ୟ (ଉନ୍ନୟନ ଓ ପଣ୍ୟ ସଂରକ୍ଷଣ) କର୍ପୋରେସନ ଆଇନ ପ୍ରଣୟନ କରାଯିବା ପରେ ଏ ଦେଶରେ ପଣ୍ୟ ସଂରକ୍ଷଣ ସୁବିଧା ବାସ୍ତବରୂପ ଧାରଣ କଲ୍ କାରଣ ୧୯୫୬ ମସିହାରେ ଋଣ ଦାନ ବ୍ୟବସ୍ଥା ସହିତ କୃଷିଜାତ ଦ୍ରବ୍ୟର ବନ୍ଧୀକରଣକୁ ମଧ୍ୟ ସଂଯୁକ୍ତ କରାଯାଇଥିଲା । କାରଣ ଏହି ଆଇନ ଦ୍ୱାରା ପଣ୍ୟାଗାରଗୁଡ଼ିକର କାର୍ଯ୍ୟକଳାପ କେବଳ କୃଷିଜାତ ଦ୍ରବ୍ୟ, ବହନ, ସାର ସିସାପୂଜକ ସାର ଓ କୃଷି ଉପକରଣ ମଧ୍ୟରେ ସୀମାବଦ୍ଧ ରହିଲା । ଯାହା ହେଉନା କାହିଁକି, ୧୯୬୨ ପଣ୍ୟ ସଂରକ୍ଷଣ କର୍ପୋରେସନ ଆଇନ ଯୋଗୁଁ ଏହି କର୍ପୋରେସନ ସିମେଣ୍ଟ, କୁଢ଼ା, କାଗଜ, ଚମଡ଼ା, ଉନ୍ନ ଓ କୁଟା ସୂତା ଇତ୍ୟାଦି ଘୋଷିତ ଦ୍ରବ୍ୟ (କୋଟିଫାଏଡ୍ କମୋଡିଟି) ରେ ବ୍ୟବସାପ୍ କରିବାର ନୂତନ ପଥ ଉନ୍ମୋଚିତ ହେଲା ।

ବର୍ତ୍ତମାନ ଏହି କର୍ପୋରେସନ ଅଧୀନରେ ଜଟଣୀ, ଝାଉପୁଗୁଡ଼ା, ପଦ୍ମପୁର, କଳିଙ୍ଗନଗର

(ଅବଶିଷ୍ଟାଂଶ ୫୦ ପୃଷ୍ଠା ଦେଖନ୍ତୁ)

"ସତ୍ୟ ଲକ୍ଷ, ଅହିଂସା ଲକ୍ଷ୍ୟ ଲଭର ଉପାୟ ।"

—ଗାନ୍ଧିଜୀ

ର ପରିଦର୍ଶନ ସମୟରେ ଦେଖି, ଜଳସେଚନ ଓ ବିଦ୍ୟୁତ୍ ବିଭାଗ ମନ୍ତ୍ରୀ ଡକ୍ଟର
ଏସ୍. ସ୍ୱର୍ଣ୍ଣ ବାଙ୍ଗଡବ୍ରା ଗ୍ରାମର ଶ୍ରୀ ବନମାଳୀ ଜେନାଙ୍କଠାରୁ ବନ୍ୟାତ୍ରାଣ ଚାଙ୍କର ସୁଚ୍ଛଡି
ଗୋଟିଏ ପାଲ ଓ ମାଟି ଗଢାରେ ମଣ୍ଡଣ ଢେଇସାଇଥିବା ଭା'ର କଚ୍ଚା ଘରଟି ।
, ଓଡ଼ଶାର ଯୋଗାଣମନ୍ତ୍ରୀ ଶ୍ରୀ ଜଗନ୍ନାଥ ମହାପାତ୍ର ଜଳସେଚନ ବିଭାଗର ଧୃଳସାଡ
ଲକ୍ଷ୍ୟ କରୁଛନ୍ତି । ଓଡ଼ଶାର ଜଳସେଚନ ଓ ବିଦ୍ୟୁତ୍ ବିଭାଗର ଉପମନ୍ତ୍ରୀ ଶ୍ରୀ ବିମଂଶୁ
ଶେଖର ପାଡ଼ୀ (ବାମ ପାର୍ଶ୍ୱରୁ ତୃତୀୟ ବ୍ୟକ୍ତି) ସେଠାରେ ଉପସ୍ଥିତ ଅଛନ୍ତି ।

ବନ୍ୟାର କବଳ କବଳରେ ଓଡ଼ଶା

ବ୍ରଜରାଜପୁରର ଲାୟନ୍ସ କ୍ଲବ ତରଫରୁ ଓଡ଼ଶାର ଶିଳ୍ପ ମନ୍ତ୍ରୀ ଶ୍ରୀ ହରିହର ପଟେଲଙ୍କୁ ଲାୟନ୍ସ କ୍ଲୋନ୍
ଚେୟାରମ୍ୟାନ୍ ଶ୍ରୀ ଏସ୍. କେଡ଼ିଆ ୫ ୧,୦୦୧ଙ୍କାର ଚେକ୍ ଓଡ଼ଶାର ବନ୍ୟା ସାହାଯ୍ୟ ଖାଣ୍ଡିକୁ
ସେପ୍ଟେମ୍ବର ୧୪ ତାରିଖ ଦିନ ଚେକ୍ଟି ସହରରେ ପ୍ରଦାନ କରିଥିଲେ ।
ଚିତ୍ର—ଶ୍ରୀ କେଡ଼ିଆ ଚେକ୍ଟି ଶ୍ରୀ ପଟେଲଙ୍କୁ ହସ୍ତାନ୍ତର କରୁଛନ୍ତି ।

କେନ୍ଦ୍ର ଜଳସେଚନ ଓ ବିଦ୍ୟୁତ୍ ମନ୍ତ୍ରୀ ଡକ୍ଟର କେ. ଏଲ. ରାଓ ହେଲିକପ୍ଟରରେ ଗତ ୨୧ଶେ ଅଗଷ୍ଟରେ ମହାନଦୀର ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ପରିଦର୍ଶନ କରିଥିଲେ ।

ତଳ—ବନ୍ୟା ପ୍ରାପ୍ତ ମଣ୍ଡଳୋଇ ଥାଇଥିବା ଧାନ କମି ଯିବାରେ ବହୁ ସଂଖ୍ୟକ ଗ୍ରାମବାସୀଙ୍କ ଚହଣରେ ଉତ୍କଳର ଗୃହ ଅଟ୍ଟାଳିକା ପରିଦର୍ଶନ କରୁଛନ୍ତି । ଡାହାଣ ପଟ୍ଟରେ ଓଡ଼ିଶାର ଯୋଗାଣ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଓ କଲେକ୍ଟର ମଧ୍ୟ ଅଛନ୍ତି ।

ବନ୍ୟାର କବଳ କବଳରେ ଓଡ଼ିଶା

ରକ୍ଷାର ବାର୍ତ୍ତା ସମ୍ପାଦନ କରିବା ପାଇଁ ସାମରିକ ବୋଟ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରୁ ବଞ୍ଚାପାଣିକୁ

ବନ୍ୟାଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ବାଡ଼ସାହି ଅଞ୍ଚଳରେ ଶହ ଶହ ଏକର ଜମିରେ ବାଲି ଭରିଯାଇଛି ।
ଚିତ୍ର—ବାଲି ଘେରିଯାଇଥିବା ଅଞ୍ଚଳରେ ବାଲିର ଭିତରେ ଦେଖା ଯାଉଥିବା କେତୋଟି ପାଚିଲ ଧାନଗଛ।
ଚିତ୍ରଟି ଜନୈକ ଛାତ୍ର ସଂଗ୍ରହ କରିଛନ୍ତି ।

ବନ୍ୟାର କରାଳ କବଳରେ ଓଡ଼ିଶା

ମୟୂରଭଞ୍ଜ ଜିଲ୍ଲାର ବନ୍ୟା ଦୃଶ୍ୟ ।
ଚିତ୍ର—ରସ ଗୋବିନ୍ଦପୁର ଗ୍ରାମରେ ବନ୍ୟା ଦ୍ୱାରା ଧ୍ୱସ୍ତପ୍ରଧ୍ୱସ୍ତ ହୋଇଯାଇଥିବା ଘୋଡ଼ିଏ ମୃତ୍ତର ଧ୍ୱଂସାବଶେ



କାଙ୍ଗୟ ବଜରପଥର ଫୁଲଡ଼ଠାରେ ବାଲେଶ୍ୱର ଜିଲ୍ଲାର
ବନ୍ୟାଦ୍ୱାରା ସତ୍ତପ୍ତ ଲୋକମାନଙ୍କୁ ଉଦ୍ଧାର କରିଯାଇ
ଖାଦ୍ୟ ବଣ୍ଟନ କରାଯାଉଛି ।

ବନ୍ୟାର କରାଳ କବଳରେ ଓଡ଼ିଶା

ବାଲେଶ୍ୱର ଜିଲ୍ଲାର ବନ୍ୟା ବ୍ୟସ୍ତ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କରାଯିବା ପରେ ମହିଳାମାନଙ୍କ ପ୍ରାଣ ରକ୍ଷା
ରୁଜା ଓ ମୁଖ୍ୟ ଗତ୍ତରଣ କରାଯାଉଛି ।

ବନ୍ୟାକବଳିତ ଅଞ୍ଚଳରେ ସାହାଯ୍ୟ ବ୍ୟବସ୍ଥା

୧୯୭୨ ସେପ୍ଟେମ୍ବର ମାସରେ ନାହିଁ ନଥିବା ପରେ ବାଲେଶ୍ୱର ଜିଲ୍ଲାରେ ୪,୧୦,୧୭୭ ଏକର ଶୁଷ୍କ ଜମି ଓ ୫୦,୦୦୦ ଘର ; କେନ୍ଦୁଝର ରେ ୮,୮୦୦ ଏକର ଶୁଷ୍କ ଜମି ଓ ୧,୨୦୧ କଟକ ଜିଲ୍ଲାରେ ୫୦,୦୦୦ ଏକର ଜମି ଓ ଘର ଏବଂ ମୟୂରଭଞ୍ଜ ଜିଲ୍ଲାରେ ୨୦,୦୦୦ ଜମି ଓ ୫୦୦୫ ଘର ଏ ପର୍ଯ୍ୟନ୍ତ ନଷ୍ଟ ଥିବାର ଖବର ମିଳିଛି । ବନ୍ୟା ଅଞ୍ଚଳରେ ଥିବା ଖପୁଖବର ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ଯାଉଛି ।

ନ୍ୟା ବପନ୍ନ ଅଞ୍ଚଳରେ ନିମ୍ନଲିଖିତ ମତେ ଯ୍ୟ ପ୍ରଦାନର ବ୍ୟବସ୍ଥା କରାଯାଉଛି ।

ରୁରୀକାଳୀନ ରିଲିଫ୍—ବନ୍ୟା ଯୋଗୁଁ ସ୍ତ ଗ୍ରାମବାସୀଙ୍କୁ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟନ୍ତ ଜରୁରୀକାଳୀନ ରିଲିଫ୍ ଯୋଗାଇ ଯାଇଛି । ଯେଉଁସବୁ ଅଞ୍ଚଳରେ ବନ୍ୟା ଜଳ ଜମିନାହିଁ ଏବଂ ଯେଉଁଠାରେ ନିଜ ନିଜ ଘରକୁ ଫେରିଯିବା ଗ୍ରାମବାସୀଙ୍କ ପକ୍ଷେ ସୁବିଧାଜନକ ନୁହେଁ, ସେ ସମସ୍ତ ଅଞ୍ଚଳରେ ଅଧିକା ୪ଦିନ ଅର୍ଥାତ୍ ସପ୍ତମୋଟ ୧୧ ଦିନ ଯାଏ ଜରୁରୀକାଳୀନ ରିଲିଫ୍ ଯୋଗାଇ ଦିଆଯିବ । ବାଲେଶ୍ୱର ଜିଲ୍ଲାରେ ବୁଢ଼ାବଳଙ ନଦୀର ଉତ୍ତର ପକ୍ଷେ ଅବସ୍ଥିତ ଅଞ୍ଚଳ ଏବଂ ବାଲେଶ୍ୱର ଜିଲ୍ଲା ନିକଟବର୍ତ୍ତୀ ମୟୂରଭଞ୍ଜ ଜିଲ୍ଲାରେ ବୁଢ଼ାବଳଙ ନଦୀ କୂଳରେ ଅବସ୍ଥିତ ଅଞ୍ଚଳମାନଙ୍କରେ ଉପରୋକ୍ତ ରିଲିଫ୍ ଯୋଗାଇ ଦିଆଯିବ । ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲା କଲେକ୍ଟରମାନେ ଆବଶ୍ୟକଥିବାରେ ନିଜର ବିଚାର ଅନୁଯାୟୀ ରିଲିଫ୍ ଦେବା ସମୟ ବୃଦ୍ଧି କରି ପାରନ୍ତି । ବନ୍ୟା ବପନ୍ନ ଅନ୍ୟ କୌଣସି ଅଞ୍ଚଳରେ ଏହି ସୁବିଧା ଦିଆଯାଇ ପାରିବ ନାହିଁ ।

ମାଗଣା ସାହାଯ୍ୟ ବ୍ୟବସ୍ଥା—ବନ୍ୟା ଯୋଗୁଁ ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ଜରୁରୀକାଳୀନ

ସାହାଯ୍ୟ ପ୍ରଦାନ ସଂପୂର୍ଣ୍ଣ ହେବା ପରେ ୩୦ ଦିନ ଯାଏ ମାଗଣା ସାହାଯ୍ୟ ଯୋଗାଇ ଦିଆଯିବ ।

ଉଚ୍ଚାଗ୍ର ଋଣ—କୃଷୀମାନେ ଯେଉଁ ସୁବିଧାରେ ଋଣ ଲାଭ କରିପାରିବେ, ସେଥି ନିମନ୍ତେ କୃଷି ଋଣ ଆଇନ ଅନୁଯାୟୀ ପ୍ରତ୍ତ କୃଷୀଙ୍କ ଏକର ପିଛା ୫୦୫ ଟଙ୍କା ଭିତରେ ସର୍ବାଧିକ ୫୭୫୯ ପର୍ଯ୍ୟନ୍ତ ଋଣ ଦିଆଯିବ । କୃଷୀମାନେ କୃଷି ଋଣ ନେଇ ଯେମିତି ମୁଟ, ଗଈ ଟ୍ରାକ୍ଟର ଉଦ୍ଧ ଫସଲ ବଢ଼ନ ଏବଂ ଜିନିଷଗୁଡ଼ିକ କ୍ରୟ କରିପାରିବେ, ସେଥି ନିମନ୍ତେ କୃଷି ବିଭାଗ ତରଫରୁ ବ୍ୟବସ୍ଥା କରାଯିବ ।

ଗୃହ ନିର୍ମାଣ ପାଇଁ ସାହାଯ୍ୟ—ବନ୍ୟାଯୋଗୁଁ ଯେଉଁମାନଙ୍କର ଘର ସଂପୂର୍ଣ୍ଣରୂପେ ଭାଙ୍ଗି ଯାଇଥିବ ସେଭଳି ପ୍ରତ୍ତ ପରିବାରକୁ ୫୧୫୯ ଟଙ୍କା ଦିଆଯିବ, ଆଂଶିକଭାବେ ଭାଙ୍ଗି ଥିବାଲି ପ୍ରତ୍ତ ପରିବାରକୁ ୫୫୦୯ ଟଙ୍କା ଦିଆଯିବ ଏବଂ ସେହି ପରିବାରର ଗୋଟିଏ ଘର ଭାଙ୍ଗି ଥିବ, ସେଭଳି କ୍ଷେତ୍ରରେ ପ୍ରତିଘର ପିଛା ୫୧୫୯ ଟଙ୍କା ଦିଆଯିବ । ଗୃହ ନିର୍ମାଣପାଇଁ ଆର୍ଥିକ ସାହାଯ୍ୟ ଦିଆଯିବ ।

ବନ୍ୟା ଫଳରେ ଭାଙ୍ଗିଯାଇଥିବା ସ୍କୁଲ ଗୃହ ଗୁଡ଼ିକର ମରାମତି ନିମନ୍ତେ ବେସରକାରୀ ଅନୁଷ୍ଠାନ-ମାନଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ । ବନ୍ୟା ଜନିତ ଅଞ୍ଚଳର ଗୃହମାନଙ୍କ ସ୍କୁଲ ଦରମା ଛାଡ଼ କରାଯିବ ।

ବନ୍ୟାଗ୍ରସ୍ତ ଅଞ୍ଚଳରେ ବିନା ମୂଲ୍ୟରେ ଗୋ ଖାଦ୍ୟ ଯୋଗାଇ ଦିଆଯାଉଛି ।

ବନ୍ୟାଗ୍ରସ୍ତ ଅଂଚଳରେ ଏକଲକ୍ଷ ଶିଶୁଙ୍କୁ ଖାଇବାକୁ ଦେବା ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ବନ୍ୟାଯୋଗୁଁ ହୋଇଥିବା ଫସଲକ୍ଷତିର ପୂର୍ଣ୍ଣ ବିବରଣୀ ମିଳି ପାରିବା ପରେ ଟେଷ୍ଟ ରିଲିଫ, ପାଣିପାଣ୍ଟ କଳ ଯୋଗାଣ ଓ ଗୃହ ନିର୍ମାଣ ଇତ୍ୟାଦି ରିଲିଫ୍ ବ୍ୟବସ୍ଥା ଅଧିକ ପରିମାଣରେ ଯୋଗାଇ ଦେବା ବିଷୟ ସରକାରଙ୍କୁ ଜଣାଯିବ ।

"ସତ୍ୟ ଧର୍ମ ସଂପର୍କୁ ସ୍ପଷ୍ଟତା ନଥିବ । ଏହା ଗାଢ଼ୀରର ଆଚରଣ ମଧ୍ୟ ହୁଏନି । ଭଗବାନଙ୍କଠାରେ ବିଶ୍ୱାସ ଓ ଭଗବାନଙ୍କ ସୃଷ୍ଟିରେ ପ୍ରେମ ଅନ୍ତଃସ୍ଥଳର ନାମ ଧର୍ମ । ସତ୍ୟ ଅହିଂସା ଓ ପରଳୋକରେ ବିଶ୍ୱାସର ନାମ ଧର୍ମ ।"

—ଗାନ୍ଧିଜୀ

'ବାପୁ' ର ଗୀ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ

ଅପଣ କର ଆଶୀଷ ହେ ଦେବ, ଜନ୍ମ-ବାସରେ ଆଜି,
ମୁକ୍ତ-ପଥର ହେ, ମହାମାନବ ଯେ ବାନ୍ଧନା ଥିଲ ପାଇ,
ଯେଉଁ ମନ୍ତର ବାଜ ରଖି କଣ୍ଠିଲ ମୁଜଭର ପଣ,
ସେ ବାନ୍ଧନା ଆଜ ଜଡ଼ ହୋଇଛି ଯେ, ସେ ମାନ ହୋଇଛୁ ଲୀନ ॥

ଖେଦଭରା ମନେ ଅନାଇ ରହନ୍ତି ଆଜ ସେଦିନର ସେନା,
ନଜଠଁ ଆସ୍ଥା ପାଇଛୁ ଯେ ଭୁଟି ଶୂନ୍ୟ ଆକାଶେ ପିନା,
ପଡାଇ ରହନ୍ତି ଅରେକରେ ପଗ୍ଧ, କମ୍ପିଚ ଦୁଇ ହତ !
ବଶ୍ୱ ଦୁଆରେ ମାଗି ବୁଲୁଛନ୍ତି, 'ବଅ ଭୁଟି, ବଅ ଘୃତ' ॥

ଦୁଃଶ-ସଭ୍ୟତା ଆଶ୍ରସ୍ୱ ନେଇଛୁ ଏଇ ଦେଶ ସାବୁ-ଘରେ ,
ଦୁଃଶ-ଶିଳ୍ପୀ ବଂଶଧର ଆଜ କପାଳରେ ହାତ ମାରେ,
ସେ ଧନର ପଛ ଆଜ ତା' ମଥାନ୍ତୁ ଝରେନା ବଜପ୍-ଝାଳ,
ଦୁଃଖୁର ଯାଇଛୁ ଠଲକୁ, ନହାଣ ହୋଇଛୁ ଲଙ୍ଗଳ ଫାଳ ॥

ନବ ପ୍ରସଙ୍ଗ, ଅକ୍ଟୋବର—୧୯୭୨

ସଭ୍ୟତା ନାମେ ଜଡ଼ର ପ୍ରାନ୍ତେ ଶୁଚଭ ପରମାଣୁ ଶିଖା,
ପେ ଶବଦେ କମ୍ପେ 'ଗଜ୍ଜଘ-ଶଙ୍କର' କମ୍ପେ କାଂଚନଜଙ୍ଘା,
ଦେଶ-ରକ୍ଷା ନାମେ ସାମ୍ରାଜ୍ୟବାଦୀ ଗଢ଼େ କାଳିଁ କେତେ ମେଣ୍ଟ,
ଯୁଦ୍ଧ-ଖୋର୍ ଆଜ ଶାନ୍ତି ନାମରେ ଘିଟେ ସଂଗ୍ରାମ-ଘଣ୍ଟ ॥

ଦୁଃଖ-ଗ୍ରାଶୀ ଏ ଗ୍ରହମାନ୍ତ-ଚକ୍ରେ 'ଅହିଂସା' ଦୃଶ୍ୟ ଲୀନ,
ଜିଜ୍ଞେ ଦୁଏ ଆଜ ସେଇ ମନ୍ତ୍ରକୁ କରିବାକୁ ବସଙ୍କନ,
ଚେତାବନ୍ତ ଘୁଣି ଦେଇଯାଏ ଧୀରେ କେଉଁ ସୁପ୍ତ ଅଙ୍ଗାରର,
ଦେ, ଯୁଗ-ମାନବ ଲଙ୍ଘିଯାଅ ଥରେ 'ସଭ୍ୟତା କେତେ ଦୂର' ॥

ବ୍ରାହ୍ମଣମାନଙ୍କ ଉଚ୍ଚ ଚୁନା କରିବାକୁ ବୁଦ୍ଧଙ୍କ ପ୍ରେମ ଯଦି ଯଥେଷ୍ଟ ଶକ୍ତିଶାଳୀ ହୋଇ ନ ଥାନ୍ତା ତେବେ ସେ ବ୍ରାହ୍ମଣମାନଙ୍କୁ ବାଧ୍ୟହୋଇ ମରଣ ବରଣ କରିଥାନ୍ତେ । ଗୋଖାଏ ସାମ୍ରାଜ୍ୟର ଶତ୍ରୁ ଅବଜ୍ଞା ଜଣ ଖ୍ରୀଷ୍ଟ କ୍ରୁଶରେ ହୋଇ ଜଣ୍ଡଭର ମୁହଁ ମୁଣ୍ଡରେ ବନ୍ଦୁ ପ୍ରାଣତ୍ୟାଗ କରିଥିଲେ । ମୁଁ ଯଦି ଅହିଂସାମୂଳକ ପ୍ରତିରୋଧ କରୁଥାଏ ତାହାହେଲେ ମୁଁ ବହୁ ବୁଲ ଧର୍ମଗୁରୁଙ୍କ ପଦାଙ୍କ ଅନୁସରଣ କରୁଅଛୁ ମାତ୍ର ।"

—ଗାନ୍ଧିଜୀ

ଗାନ୍ଧି ଶତବାର୍ଷିକୀ

୧୯୬୯

ମସ୍ତକେ ମମ ନିତ୍ୟ ପଡୁହେ ବାପୁଜୀ ତମରି ଚରଣ ଧୂଳି,
ଧନ୍ୟତହିଁ ଏ କିମ୍ବା ଅଙ୍ଗ ପୁଣ୍ୟ ପାଉ ଏ ପଗ୍ଭଣପ୍ରତି ।

୧୮୬୯ ମସିହାରେ ଜାତର ଜନକ ଗାନ୍ଧିଜୀ ଜନ୍ମଲଭ
ଥିଲେ । ୧୯୬୯ ମସିହାକୁ ଶହେ ବର୍ଷ ପୂରିଯିବ ।
ଆ ଦୁଇବର୍ଷ ରହିଲ ।

ଦେଶପାଇଁ, ଜାତିପାଇଁ, ତଥା ସମଗ୍ର ମାନବ
ାଜପାଇଁ ଯେ ନିଜର ଜୀବନକୁ ଉତ୍ସର୍ଗ କରି ଏକ
ନ ଅନ୍ୟାଧାରଣ, ଏକ ଅଫୁରନ୍ତ ଅଖଣ୍ଡ କର୍ମପ୍ରବାହ
ି କରି ଯେଇଗଲେ, ପରାଧୀନତାର ନିଗଡ଼
ଜନରୁ ମୁକ୍ତ ହେବାପାଇଁ ଏକ ଶକ୍ତିଶାଳୀ ଅସ୍ତ୍ରଧ
ଇଗଲେ—ଆଜି ତାଙ୍କର ଶତବାର୍ଷିକୀ ଆମେ
ର ଜୀବନରେ ପାଳନ କରିବା, ତାହା ଦେଶବାସୀ
ସ୍ତ ବସ୍ତୁର କରନ୍ତୁ··· ।

ଣ ଆମେ ସମ୍ମିଳନୀ ଓ ଉତ୍ସବ ଆୟୋଜନ
ିବା ?

ଦେଶର ଚତୁର୍ଦ୍ଦିଗରେ ଗାନ୍ଧିଜୀଙ୍କ ମର୍ମର ମୂର୍ତ୍ତି
ନ କରିବା ?

ାନ୍ଧିଜୀଙ୍କ ସ୍ମୃତିରକ୍ଷା ପାଇଁ ସ୍ମୃତିସଙ୍ଘରେ ନାଁ
ଖା ମନ୍ଦିର ତିଆରି କରିବା ?

ଏ ସବୁଥିରେ କଅଣ ଆମେ ଗାନ୍ଧିଜୀଙ୍କର ସନ୍ତୋଷ
ବଧାନ କରି ପାରିବା ?

ନାଁ···ଗାନ୍ଧିଜୀ ଏ ସବୁ ବାହାର ଦେଖାଣିଆ
ଅସାର ଘଟାଟୋପରେ ନଥିଲେ । ସେ ମଣିଷକୁ ମଣିଷ
ପରି ହେବାକୁ ଶିଖାଇ ଥିଲେ । ମାନବକ ଜୀବନର
ସକଳ ପ୍ରକାର ସଦ୍‌ଗୁଣରେ ଭୂଷିତ ହୋଇ ପୌରୁଷର
କପରି ପରିଚୟ ଦିଆପାଇ ପାରେ, ତାହା ସେ
ଦେଖାଇ ଦେଲେ ।

ଏଣୁ ଗାନ୍ଧିଜୀଙ୍କ ଶତବାର୍ଷିକୀ ପାଳନ କେବଳ
ତାଙ୍କର ଜନ୍ମ ଦିନ କିମ୍ବା ଜନ୍ମବର୍ଷ ପାଳନ ନୁହେଁ ।
ବାହାରର ହେଯ ଆଡ଼ମ୍ବର ବଦଳରେ ବାପୁଜୀଙ୍କ
ପ୍ରଦର୍ଶିତ ପନ୍ଥାରେ ଯଦି ଆମେ ଗଢ଼ୁ ଓ ଅନ୍ୟକୁ
ଗଢ଼ିବାକୁ ଶିଖାଉଁ—ତେବେ ହିଁ କେବଳ ଶତବାର୍ଷିକୀ
ପାଳନର ଲକ୍ଷ୍ୟ ସାଧିତ ହେବ ।

ଆମେ କଅଣ କରିବା ?

ଆଜି ଦେଶ ଗାନ୍ଧିଜୀଙ୍କ ପାଖରୁ ଦୂରକୁ ଦୂରକୁ
ଚାଲିଯାଉଛି । ମୁହଁରେ ଗାନ୍ଧିଜୀଙ୍କ ନାଆଁ ଧରିଲେ

ସେ ଏ କମିଟିର ଅଧ୍ୟକ୍ଷ ହେବାର ଥିଲା । ତାହାଙ୍କି ମଧ୍ୟ ଗାନ୍ଧି ସ୍ମାରକ ନଧିର କେନ୍ଦ୍ର ସମିତିର ସୂଚନା ; କିନ୍ତୁ ସେ ସେଥିରୁ ଓହରିଯାଇ ମୋତେ ଏକାର୍ଯ୍ୟର ଦାୟିତ୍ୱ ଅର୍ପଣ କରିଛନ୍ତି । ଏହା ତାଙ୍କର ଉଦାରତା ଓ ବିସ୍ମରଣଶୀଳତା ମଧ୍ୟ । ଏ ଦାୟିତ୍ୱ ସମ୍ଭାଳନା କରିବାପାଇଁ ମୁଁ ସଥାସାଧ୍ୟ ଚେଷ୍ଟା କରିବି । ଇତିପୂର୍ବେ ମୋତେ କେନ୍ଦ୍ର କମିଟିର ଜଣେ ସଭ୍ୟ ଭବରେ ଘଷ୍ଟ୍ରସଙ୍ଗ ମନୋନୟନ କରିଥିଲେ ଓ ମୁଁ ସେଥିର ସଭ୍ୟ ରହିଛି । ସେ ମନୋନୟନ ବେଳେ ଚଳିତ ଘଷ୍ଟ୍ରପତ୍ତ ଗାନ୍ଧାକୁଷ୍ଣନ୍ ବୋଧହୁଏ ଜାଣନ୍ତି ଗାନ୍ଧିଯୁଗର ଯେ କେତେଜଣ ଅବଶିଷ୍ଟ ବ୍ୟକ୍ତି କର୍ମକ୍ଷମ ଅବସ୍ଥାରେ ଅଛନ୍ତି, ସେ ସମସ୍ତେ ଅନ୍ୟମାନଙ୍କ ସହ ମିଶି ପୁଣି ଏକ ଉଦ୍ୟମ କରନ୍ତୁ ସେ ଯୁଗର ପୁନରାବର୍ତ୍ତନ ପାଇଁ ; କିନ୍ତୁ ସେ ଯୁଗତ ଇତିହାସର ଅତଳ ଗର୍ଭରେ ଲୀନହୋଇ ଯାଇଛି । ପାଞ୍ଚ ଛଅଶହେଇଶ ବର୍ଷପୂର୍ବେ ଗାନ୍ଧିଜୀ ଆମର ଭିତରେ ଥିଲେ ଓ ତାଙ୍କର ସ୍ୱର ଆମ କାନରେ ବାଜୁଥିଲା ଓ ତାଙ୍କର ପ୍ରଭାବ ଆମ ଉପରେ କାର୍ଯ୍ୟ କରୁଥିଲା । ସେତେବେଳକୁ ସେ ମଧ୍ୟ କାଳର ଖପଣ କବଳର ସମ୍ପୂର୍ଣ୍ଣୀନ । ଇତିହାସ ଦୃଷ୍ଟିରୁ ବିଚାର କଲେ ଗାନ୍ଧି-ଯୁଗର ପରନାକାପତନ ଆରମ୍ଭ ହେଲା, ୧୯୪୭ ସାଲ ଅଗଷ୍ଟମାସରେ । ଗାନ୍ଧିଜୀ କାଗ୍ରୁତ୍ତ ହେବାପରେ, ସେତେବେଳେ ତତ୍କାଳୀନ ଶାସନ ଯେ ଗାନ୍ଧିଜୀଙ୍କ କେବଳ ଅଲଙ୍କାରରେ ସଜେଇ ଦେଲେ ତାହାନୁହେଁ ତତ୍ ସଙ୍ଗେ ସଙ୍ଗେ ଗାନ୍ଧି ଯୁଗକୁ ମଧ୍ୟ ଅଲଙ୍କାରକୁ ଠେଲି ଦେଲେ । ସେହି ମୋ ମତରେ ଏଦେଶର ଆଧୁନିକ ସମାଜତନ୍ତ୍ରିକ ବିକାଶକୁ ତତ୍କାଳୀନ ଶାସନର ମାରାତ୍ମକ ଆଘାତ । ଗାନ୍ଧିଜୀ କାଗ୍ରୁତ୍ତ ହେବାପରେ ସେତେବେଳେ ଜନତାର ଅସନ୍ତୋଷ ସେପ୍ରଶ୍ନ ସ୍ତବରେ ଓ ଜଗାପୁରେ ବ୍ୟକ୍ତ ହେଲା, ସେଥିରେ ଗାନ୍ଧିଜୀଙ୍କ ଦ୍ୱାରା ସ୍ତବର୍ତ୍ତିତ ଓ କଲ୍ୟାଣ ସାଧକ କେତୋଟି ମୌଳିକ ମାନ୍ତ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲା । ଏହାକୁ ରକ୍ଷା କରିବାପାଇଁ ଗାନ୍ଧିଜୀ କାଗ୍ରାର ଭିତରୁ ତତ୍କାଳୀନ ଶାସକମାନଙ୍କଠାକୁ ଶତିପତ୍ର ଆକାରରେ ଲେଖା ପ୍ରକାଶ କରି ଆତ୍ମାଣ ଚେଷ୍ଟା କରିଥିଲେ । କିନ୍ତୁ ପରେ ପରେ ସାଜନୈତିକ ପରିବର୍ତ୍ତନ ଏତର ବେଗରେ ମାଡ଼ ଆସିଲା ଓ ସେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଦେଶରେ ଏତର ଏକ ଅବସ୍ଥା ସୃଷ୍ଟି ହେଲା ସେଥିରେ ଗାରତର ବିଘ୍ନଗ ହେଲା । ପୂର୍ବେ ଗାନ୍ଧିଜୀ କହିଥିଲେ ଗାରତର ବିଘ୍ନଗ ରୋଧ କରିବା ପାଇଁ ସେ ପ୍ରାଣ ଦେବେ । କିନ୍ତୁ ତାଙ୍କର ଶାହାତା-ବସ୍ଥାରେ ଗାରତ ଫାଟିଲା ଓ ସେଥିରେ ଯେଉଁ ଅଗ୍ନି ଉଦ୍ଗୀପିତ ହେଲା ସେଥିରେ ସେ ୧୯୪୮ ସାଲ ଜାନୁଆରି ତା ୩୦ ରଖି ଦିନ ଝାସ ଦେଲେ ।

"ଏଭଳି ଗାନ୍ଧିଜୀଙ୍କ ଜୀବନର ଶେଷପର୍ବ ମନେ ରଖିଲେ ଆମର ବର୍ତ୍ତମାନ କର୍ତ୍ତବ୍ୟ ସମ୍ବନ୍ଧରେ ସ୍ପଷ୍ଟ ଧାରଣା ହେବ । ଆଜି ଗାନ୍ଧିଜୀ ଦେଶରେ ଅପରାଜିତ । କାରଣ ଆଜି ଯେଉଁମାନଙ୍କର ବୟସ ୨୫ ବର୍ଷ କିମ୍ବା ତା' ଠାରୁ କମ୍ ସେମାନେ ଗାନ୍ଧିଜୀଙ୍କ ସ୍ୱର ଶୁଣି

"ତ୍ୟାଗ, ସଂଯମ ଓ ଇତ୍ୟାଦି ନରେଧ କଳା ମୁକ୍ତ ସୁଲଭ ।"

—ଗାନ୍ଧିଜୀ

ାହାନ୍ତି ବା ତାଙ୍କର ପ୍ରଭାବ ଅନୁଭବ କରିନାହାନ୍ତି । ଯେଉଁମାନଙ୍କର ବୟସ ଗୁଳଣବର୍ଷ ସେମାନେ ୧୯୪୭ ାଲରେ ଗାନ୍ଧିଜୀ କାଘରୁଦ୍ଧ ହେବା ପରେ ଦେଶରେ ଯେଉଁ ହିଂସାତ୍ମକ କାଣ୍ଡମାନ ଘଟିଲା ତାହାଣ୍ଟି ନେରଖି ସେଥିରୁ ଗାନ୍ଧିଜୀଙ୍କ ମାନ ସମ୍ବନ୍ଧରେ ାରଣା କରୁଥିବେ । ଏହିପରି ଆଜି ଗାନ୍ଧିଜୀଙ୍କ ମାନ ଦକ୍ଷିଣକୋରିଆ ଦେଶ ସମକ୍ଷରେ କୁଲନ୍ତ ଘରରେ ରହିବା ବସ୍ତୁତ ଗର୍ଭରେ କାହିଁ କୁଡ଼ ଗଲାଣି । ଦଶରେ ଦୁଇଟି ମତ ଅଛି । ଗୋଟିଏ ହେଉଛି ାନ୍ଧୀଜୀ ଇତିହାସ ଉତରକୁ ଗୁଲ ଗଲେଣି । ତାଙ୍କୁ ଆଜି ମାନବତାବସ୍ଥାକୁ ଆଣିବା ଉଚିତ ନୁହେଁ କାରଣ ାସ୍ତବ ଓ ଅନୁର୍ଜାତିକ ପରିସ୍ଥିତି ଆଜି ସଂପୂର୍ଣ୍ଣ ିବର୍ତ୍ତିତ । ଆଉ ଗୋଟିଏ ମତ ହେଉଛି ଆଜି ଦେଶ ାଇଁ ସଙ୍କଟ ମଧ୍ୟରେ ଗତି କରୁଛି ସେଥିରୁ ଉଦ୍ଧାର ିବାର ଉପାୟ ହେଉଛି ଗାନ୍ଧିଜୀଙ୍କ କମ୍ବୋଡିଆ ତାଙ୍କର କେତୋଟି ମୌଳିକ ମାନର ଅନୁସରଣ । କଥାଟି ଘଷ୍ଟ୍ରପତି ଜାକର୍ତ୍ତାସେନ୍ ଗତ ଜୁଲାଇ ୧୫ ତାରିଖ ଦିନ ଅନୁଷ୍ଠିତ କେନ୍ଦ୍ର ଗାନ୍ଧି ାର୍ଷିକୀ ସମିତିର ସାଧାରଣ ଅଧିବେଶନରେ ଭାଷଣ ଘଧ୍ୟରେ କହିଛନ୍ତି ।

"ଗାନ୍ଧିଜୀଙ୍କ ତିନୋଟି ମୌଳିକ ମାନ ଥିଲା, ସତ୍ୟ, ିଂସା ଓ ସତ୍ୟାଗ୍ରହ । ଏ ତିନୋଟି ପାରମାର୍ଥିକ ଆଧ୍ୟାତ୍ମିକ ତତ୍ତ୍ୱ ନୁହେଁ । ଏହା ଦୈନନ୍ଦିନ ୀବନରେ ପ୍ରଯୁକ୍ତ ଆମର ମାନ । ବ୍ୟକ୍ତିଗତ ସାଧୁତା ଓ ନଷ୍ଟା ହେଉଛି ସତ୍ୟ । ସମାଜରେ ପରସ୍ପର ପ୍ରତି ଶ୍ରଦ୍ଧା ପୋଷଣ କରି ଚଳିବା ହେଉଛି ଅହିଂସା । ସାଧାରଣ ଲୋକର ଆଖିରୁ ବହୁଥିବା ଲୁହ ପୋଛିଦେବା ହେଉଛି ସତ୍ୟାଗ୍ରହ । ଏହି ତିନୋଟି ଆଜି ସବୁ କ୍ଷେତ୍ରରେ ଆଚରଣ କରିବାର ଜରୁରୀ ହେଲେ ଗାନ୍ଧିଜୀ ଆଜି ୀବନ୍ତାବସ୍ଥାକୁ ଫେରି ଆସିବେ । ଗାନ୍ଧିଜୀଙ୍କୁ ଆଜିର ଯୁବସମାଜରେ ପରିଚିତ କରାଇବାକୁ ହେବ । ଯେତେ ସମୟ ଅତିବାହିତ ହେଉଛି ସେତେ ଗାନ୍ଧୀଜୀ ଜମେ ଅପରିଚିତ ହେଇଯାଉଛନ୍ତି । ତାଙ୍କର ପରିଚୟ ପ୍ରଦାନ ଓ ତାଙ୍କର ମୌଳିକ ମାନଗୁଡ଼ିକୁ ଆଜିର ପରିସ୍ଥିତିରେ ରୂପଦେବା ହେଉଛି ଶତବାର୍ଷିକୀ ସମିତିର କାର୍ଯ୍ୟ ।

"କେବଳ ଘଷ୍ଟ୍ରପତି ଘରେ ନୁହେଁ, ଜଣେ ଗାନ୍ଧିଜୀଙ୍କ ପ୍ରଧାନ ଅନୁଚର ହିସାବରେ ଜାକର୍ତ୍ତାସେନ୍ ଯେଉଁ କାର୍ଯ୍ୟକ୍ରମର ସୂଚନା ଦେଇଛନ୍ତି ତାହାଣ୍ଟି ଆମର ଲକ୍ଷ୍ୟ ହେଉ । ସେହି ଦିଗରେ ଆମେ କେତେଦୂର କାର୍ଯ୍ୟ କରିବୁ ତାହା ସ୍ଥିର କରିବାକୁ ହେବ । ଇତି ମଧ୍ୟରେ ବର୍ତ୍ତମାନ ବେଶୀ ସମୟ ଅତିବାହିତ ହୋଇ ଗଲାଣି । ଆଉ ଯେତିକ ସମୟ ଅଛୁ ସେଥିରେ ୧୯୭୨ ଅକ୍ଟୋବର ବେଳକୁ ଆଖିରେ ଦେଖିବା ଭଳି ଓ ସାଧାରଣ ଲୋକ ଅନୁଭବ କରିପାରୁଛନ୍ତି ଆମେ ଯଦି କିଛି କରିପାରୁଁ ତେବେ ସେଥିରେ ଆମର ସାର୍ଥକତା ପ୍ରମାଣିତ ହେବ । ଏହି ଲକ୍ଷ୍ୟକୁ ଦୃଷ୍ଟିରେ

"ଅନ୍ୟ ଉପରେ ଚଢ଼ିଚଢ଼ କରିବା ଠାରୁ ମୋ ହାତରେ ଅହିଂସା ଭଳି ଅନ୍ୟ ଅସ୍ତ୍ର ନାହିଁ ।"

—ଗାନ୍ଧିଜୀ

ଆଗି ଆଗରେ ରଖି ଆମେ ଅଗ୍ରସର ହେଉଁ, ଆମର ବଶ୍ୱାସ ଆମକୁ କର୍ମ୍ମଶମ କରଉ । ଏଡ଼ିକ ନବେଦନ କର ମୁଁ ଆପଣମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛି ଓ କାର୍ଯ୍ୟଭାର ଗ୍ରହଣ କରିବା ପାଇଁ ଆହ୍ୱାନ କରୁଛି ।"

(୪୯ ପୃଷ୍ଠାର ଅଭିଶ୍ଚାଂଶ)

ଝିଲ୍ଲିଗଡ଼, କଣ୍ଟାବାଞ୍ଜି, ଚେଣ୍ଡିଗା, ଖଣ୍ଡଆରଘେଡ଼, ଜୁନାଗଡ଼, ଗୁମ୍ଫଗଡ଼ା ଓ ଗୁଣୁପୁରଠାରେ ୧୧ଟି ପଣ୍ୟାଗାର କାର୍ଯ୍ୟ କରୁଛି ।

ଦୁଇ ଜଣଯାକ ଅଂଶୀଦାର ଯଥା କେନ୍ଦ୍ର ଏବଂ ସଂରକ୍ଷଣ କର୍ପୋରେସନ ଓ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୨୨ ଲକ୍ଷ ଟଙ୍କା ଲଗାଣ କରିଛନ୍ତି ଓ ଅଂଶୀଦାର ଦୁହିଁଙ୍କର ସମାନଭାଗ ରହିଛି ।

ଜଣେ କୃଷକ ବା ଉତ୍ପାଦନକାରୀଙ୍କର ଋଣ ପରିଶୋଧ କରିବାର କ୍ଷମତା ଥିଲେ ଓ ସେ ପ୍ରକୃତ ପକ୍ଷେ ଋଣ ଗ୍ରହୀତା ଥିଲେ ତାଙ୍କୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଦେବାର ବ୍ୟବସ୍ଥା ରହିଛି । କୃଷକମାନେ ଏହି ବ୍ୟବସ୍ଥାର ସୁଯୋଗ ନେଇଛନ୍ତି ଓ ପଣ୍ୟାଗାର ରସିଦକୁ ଷ୍ଟେଟ ବ୍ୟାଙ୍କରେ ବନ୍ଧକ ରଖିଲେ ସେମାନଙ୍କୁ ଋଣ ମଞ୍ଜୁର କରାଯାଇଛି ।

ନଜ ଜନପଦଗୁଡ଼ିକର ଯେପରି କ୍ଷତି ନ ଘଟିବ ଓ ସେଗୁଡ଼ିକ ପଣ୍ୟାଗାରରେ ବୈଜ୍ଞାନିକ ପଦ୍ଧତିରେ ସାଇତି ରଖାଯାଇ ପାରିବ, ସେହି ଉଦ୍ଦେଶ୍ୟରେ କ୍ୟବସାୟୀମାନେ ପଣ୍ୟାଗାରରେ ନିଜର ପଣ୍ୟ ଦ୍ରବ୍ୟ ସାଇତି ରଖନ୍ତି । ୧୯୭୫ ମସିହା ପରେ ନିର୍ମିତ ହୋଇଥିବା ୧୩ଟି ପଣ୍ୟାଗାରଗୁଡ଼ିକରେ ସାଇତି ରଖାଯାଇ ଥିବା ଜନପଦ ବାବଦ ଋଣି ବ୍ୟବସାୟୀମାନଙ୍କୁ ନୂଆ ଋଣ ଆଣିବାର ବ୍ୟବସ୍ଥା ହୋଇଛି । ଦେଶରେ ଜରୁରୀ ପରିସ୍ଥିତି ଘୋଷିତ ହେବା ପୂର୍ବରୁ ଯେଉଁ ବ୍ୟବସାୟୀମାନଙ୍କୁ ଯେତେ ପରିମାଣରେ ଋଣ ଦେବା ପାଇଁ ସ୍ଥିର କରାଯାଇଥିଲା ସେମାନେ ସେହି ବର୍ଷଠାରୁ ସେହି ସୁବିଧା ପାଇ ଆସୁଛନ୍ତି । ଏହା ବ୍ୟତୀତ ସରକାରଙ୍କ ନିକଟରେ ଥିବା ଗହମ, ଚାଉଳ, ଧାନ ଓ ଶସ୍ୟ ମଧ୍ୟ ପଣ୍ୟାଗାରଗୁଡ଼ିକରେ ପ୍ରାୟ ଅଧିକାଂଶ ସମୟରେ ସାଇତି ରଖାଯାଇଥାଏ ।

କେବଳ ଅର୍ଥ ଲାଭ ପଣ୍ୟ ସଂରକ୍ଷଣ କର୍ପୋରେସନର ଉଦ୍ଦେଶ୍ୟ ନୁହେଁ । ଅଯଥାରେ ବ୍ୟବହାର କରିବା ଓ ବିଜ୍ଞାନ ସମ୍ମତ ଉପାୟରେ ପଣ୍ୟଦ୍ରବ୍ୟ ଓ ବହୁମୂଲ୍ୟ ଖାଦ୍ୟଦ୍ରବ୍ୟ ସାଇତି ନ ରଖିବା ଯୋଗୁଁ ଦେଶକୁ ଯେପରି କ୍ଷତି ସହିବାକୁ ପଡୁଥାଏ, ତାହା ଯେପରି ନ ହେବ, ସେଥିପାଇଁ ଜନସାଧାରଣଙ୍କୁ ଜନପଦ ସାଇତି ରଖିବାର ବୈଜ୍ଞାନିକ ପଦ୍ଧତି ସଂପର୍କରେ ଶିକ୍ଷା ଦେବାର ମଧ୍ୟ ବାଧିଛି ଏହା ଉପରେ ନ୍ୟସ୍ତ ହୋଇଛି ।

"ନିଜ ଧର୍ମ ଅନ୍ୟାନ୍ୟଙ୍କ ଧର୍ମଠାରୁ ଉତ୍କୃଷ୍ଟ ଓ ଅନ୍ୟ ଧର୍ମାବଲମ୍ବୀମାନେ ଆମ ଧର୍ମ ଗ୍ରହଣ କରନ୍ତୁ— ଏହାର ଇଚ୍ଛା ଅସମ୍ଭବ ଓ ଅନୁଚିତ ବୋଲି ମୁଁ ଭାବେ । ଅସମ୍ଭବ ହିଁ ଭବିଷ୍ୟତର ପ୍ରଭାତରବିର ମାନ ।"

—ଗାନ୍ଧିଜୀ

ଆମ ରାଜ୍ୟ

ଗାନ୍ଧି ଶତବାର୍ଷିକୀ କାର୍ଯ୍ୟକାରୀ କମିଟି ବୈଠକ

ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସବ୍-କମିଟି ଗଠନ

୧୯୬୭ ସେପ୍ଟେମ୍ବର ୧୪ ତାରିଖରେ ଭୁବନେଶ୍ୱରଠାରେ ଗାନ୍ଧି ଶତବାର୍ଷିକୀ କାର୍ଯ୍ୟକାରୀ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଗୁରୁଗୋଟି ସବ୍ କମିଟି ନିମ୍ନମତେ ଗଠନ କରାଗଲା ।

ଗାନ୍ଧି ସାହିତ୍ୟକୁ ଲୋକପ୍ରିୟ କରାଇବା ପାଇଁ ଜିଲ୍ଲାର ସାଧାରଣ ମାନସିଂଙ୍କ ଅଧ୍ୟକ୍ଷତାରେ ଗାନ୍ଧି-ସାହିତ୍ୟ ସବ୍-କମିଟି ଗଠିତ ହୋଇଛି । ଏହି ସାହିତ୍ୟ କମିଟିରେ ସଂପ୍ରତି ଜାତୀୟ କରିବା ପ୍ରସଙ୍ଗରେ ଶ୍ରୀ ଜଗନ୍ନାଥ ପଣ୍ଡା, ଶରତ ରଥ, ମହାରଣ ଓ ବୈଦ୍ୟନାଥ ମିଶ୍ର ସଭ୍ୟ ରହିଛନ୍ତି । ଶ୍ରୀ ମହାରଣା ଓ ଶ୍ରୀ ମିଶ୍ର ଉଭୟେ ଏହି ସବ୍ କମିଟିର ସେକ୍ରେଟେରୀ ରହିଛନ୍ତି ।

ସାମଜିକ କାର୍ଯ୍ୟକ୍ରମପାଇଁ ଉତ୍କଳର ସଦାଶିବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ କରାଗଲା ଏବଂ ପ୍ରଫେସର ସତ୍ୟେଶ୍ୱର ଦାସ ଏହି କମିଟିର ସେକ୍ରେଟେରୀ ରହିଛନ୍ତି । ଏହି ସବ୍ କମିଟିର ଅନ୍ୟାନ୍ୟ ସଭ୍ୟମାନେ ହେଉଛନ୍ତି, ଶ୍ରୀ ପ୍ରତାପ କେଶରୀ ଦେଓ, ଲୋକସଭା ସଦସ୍ୟ, ଗଜପତି ମହାରାଜା ଶ୍ରୀ ବୀର-କେଶରୀ ଦେଓ, ବିଧାନସଭା ସଦସ୍ୟ, ଶ୍ରୀ ଗଙ୍ଗାଧର ପାଇକରାୟ, ବିଧାନସଭା ସଦସ୍ୟ, ଶ୍ରୀ ମୋହନ ନାୟକ, ବିଧାନସଭା ସଦସ୍ୟ ଓ ଶ୍ରୀ ଫକୀର ମିଶ୍ର ।

ସ୍ୱଳ୍ପ...

ଗଠନ ମୂଳକ କାର୍ଯ୍ୟକ୍ରମ ପାଇଁ ଶ୍ରୀ ସଦାଶିବ ମିଶ୍ରାଠାଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଢ଼ାଗଲା । ଡ଼'ଜ୍ଞଶିଆ ଏହି ସବ୍-କମିଟିରେ ଶ୍ରୀ ସୁଧାଂଶୁ ଶେଖର ଦାସ ସେକ୍ରେଟେରିଏଟ୍ ରହିଲେ । ସବ୍-କମିଟିର ଅନ୍ୟାନ୍ୟ ସଭ୍ୟମାନେ ହେଉଛନ୍ତି, ସର୍ବଶ୍ରୀ ହରମୋହନ ପଟ୍ଟନାୟକ, ଶ୍ରୀ ନଟ୍ଟ ନାୟକ, ଜଗବନ୍ଧୁ ମହାନ୍ତି ଓ ଶ୍ରୀମତୀ କୁନ୍ତଳା କୁମାରୀ ଆର୍ତ୍ତପ୍ୟ ।

ଗାନ୍ଧି ସ୍ମୃତିରକ୍ଷା ପାଇଁ ଏକ ସବ୍-କମିଟି ଓକ୍ଟର୍ ହରେକୃଷ୍ଣ ମହତାବଙ୍କ ଅଧ୍ୟକ୍ଷତାରେ ଗଠନ କରାଗଲା । ଗ୍ରାମଗୋଷ୍ଠୀ ଉନ୍ନୟନ ମନ୍ତ୍ରୀ ଶ୍ରୀ ବ୍ରଜବନ୍ଧୁ ମିଶ୍ର, ଶିକ୍ଷାମନ୍ତ୍ରୀ, ଶ୍ରୀ ବନମାଳୀ ପଟ୍ଟନାୟକ, ଶ୍ରୀ ଘାସିମ୍ନ ମାଝି, ଶ୍ରୀ ବଶ୍ୱନାଥ ଦାସ ଓ ଶ୍ରୀମତୀ ରମାଦେବୀ ଏହି ସବ୍-କମିଟିର ସଭ୍ୟ ରହିଲେ । ଶ୍ରୀ ଗୋପୀକୃଷ୍ଣ ଦାସ ଏହି ସବ୍ କମିଟିର ସେକ୍ରେଟେରିଏଟ୍ ରହିଲେ ।

ଭୋଟଦାତାମାନଙ୍କ ନାମ ରେଜିଷ୍ଟ୍ରୀକରଣ

କୌଣସି ଭୋଟଦାତାଙ୍କ ନାମ ଏକାଧିକ ବିଧାନ ସଭା ନିର୍ବାଚନମଣ୍ଡଳୀରେ ଓ ଗୋଟିଏ ନିର୍ବାଚନମଣ୍ଡଳୀରେ ଏକାଧିକବାର ରେଜିଷ୍ଟ୍ରୀଭୁକ୍ତ ହେବା ନିର୍ବାଚନ ଆଇନରେ ସ୍ପଷ୍ଟରୂପେ ନିଷିଦ୍ଧ କରାଯାଇଥିଲେ ମଧ୍ୟ କାର୍ଯ୍ୟତଃ କୌଣ ଭୋଟଦାତାଙ୍କ ନାମ ବହୁଥର ରେଜିଷ୍ଟ୍ରୀଭୁକ୍ତ ହେବା ଦୁରକରି ନୁହେଁ ନାହିଁ । ଅସାବଧାନତା ବଶତଃ ବା ଇଚ୍ଛାକୃତ ଭାବରେ କେତେକ ଭୋଟଦାତା ନିଜ ନାମକୁ ଏକାଧିକସ୍ଥାନରେ ରେଜିଷ୍ଟ୍ରୀଭୁକ୍ତ କରିଥିବାର ଦେଖାଯାଇଛି । ୧୯୫୦ ମସିହା ଲୋକପ୍ରତିନିଧି ନିର୍ବାଚନ ଆଇନର ୧୭ ଓ ୧୮ ଧାରା ଅନୁଯାୟୀ ଗୋଟିକରୁ ଅଧିକ ନିର୍ବାଚନମଣ୍ଡଳୀରେ କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ରେଜିଷ୍ଟ୍ରୀଭୁକ୍ତ ହେବନାହିଁ ଓ କୌଣସି ଗୋଟିଏ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ତାଙ୍କର ନାମ ଏକାଧିକବାର ରେଜିଷ୍ଟ୍ରୀଭୁକ୍ତ ହେବନାହିଁ । ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଓ ଅଭ୍ରାନ୍ତ ଭୋଟର ତାଲିକା ପ୍ରସ୍ତୁତ କରିବା ଓ ତାହାର ରକ୍ଷଣାବେକ୍ଷଣ କରିବା ଅପରିହାର୍ଯ୍ୟ ହୋଇଥାଏ । ୧୯୬୦ ମସିହାର ଭୋଟଦାତା ରେଜିଷ୍ଟ୍ରିକରଣ ନିୟମାବଳୀ ଅନୁଯାୟୀ କେତେକ ବ୍ୟକ୍ତି ଛଅନମ୍ବର ଫର୍ମରେ ତାଙ୍କ ଦରଖାସ୍ତ ଉପସ୍ଥାପିତ କରି ଦୁଇ ବା ତତୋଽଧିକ ସ୍ଥାନରେ ସେମାନଙ୍କର ନାମ ଅନ୍ତର୍ଭୁକ୍ତ କରିଥିବା ଦେଖାଯାଇଛି । ସନ୍ଦେହଜନକ ଭାବରେ ଏପରି ଛଅ ନମ୍ବର ଫର୍ମରେ ଦରଖାସ୍ତ ଦାଖଲ କରିଥିବା ଅସଂଖ୍ୟ ଦୃଷ୍ଟାନ୍ତ ରହିଥାନ୍ତି ତେବେ ୧୯୫୦ ମସିହା ଲୋକପ୍ରତିନିଧି ଆଇନର ୩୧ ଧାରା ଅନୁଯାୟୀ ସେ ଦଣ୍ଡନୀୟ ହେବେ । ସେଥିଲାଗି ତାଙ୍କୁ ଏକବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ

"ତୋ ଧର୍ମ ଯେଉଁଠାରେ ସୀମା ସରହଦ ସ୍ୱୀକାର କରେ ନାହିଁ । ତୋ ଧର୍ମରେ ତୁମର ପେଛେ ଜାତର ବିଶ୍ୱାସ ଅଛି ତାହା ଭାରତ ପ୍ରତି ତୋ ଦୃଷ୍ଟିକୁ ମଧ୍ୟ ଝାପି ଯାଇପାରେ ।"

—ଗାନ୍ଧିଜୀ

ଯାଇ ପାରିବ ବା ଜୋରିମାନା କରାଯାଇ ପାରିବ ଏବଂ ଏହି ଉଭୟପ୍ରକାର ଦଣ୍ଡ ଦିଆଯାଇପାରିବ ।

ରେଜିଷ୍ଟର ତାଲିକାରେ ଯଦି କୌଣସି ନାମ ଅଧିକାର ଉଲ୍ଲେଖ କରାଯାଇଥାଏ ତେବେ ସେ କୌଣସି ବ୍ୟକ୍ତି ଏ ବିଷୟ ସଂପୃକ୍ତ ସବ୍‌ଡିଭିଜନାଲ ଅଫିସରଙ୍କ (ଇଲେକ୍‌ଟୋରାଲ ରେଜିଷ୍ଟ୍ରେସନ ଅଫିସର) ଦୃଷ୍ଟିକୁ ଆଣିଲେ ସେ ସେବିଷୟରେ କାର୍ଯ୍ୟାନୁଷ୍ଠାନ କରିବେ ଓ ରେଜିଷ୍ଟର ତାଲିକା ସଂଶୋଧନ କରିବେ ।

୧୯୬୨ ସେପ୍ଟେମ୍ବର ୧୫ ତାରିଖଠାରୁ ଏକ୍‌ସପ୍ରେସ୍ ରାଜପଥ ସଂକ୍ରାନ୍ତୀୟ ନିୟମାବଳୀ କାର୍ଯ୍ୟକାରୀ ହେବ

୧୯୬୨ ମସିହା ସେପ୍ଟେମ୍ବର ୧୫ ତାରିଖରୁ ଏକ୍‌ସପ୍ରେସ ରାଜପଥ ସଂକ୍ରାନ୍ତୀୟ ନିୟମାବଳୀ କାର୍ଯ୍ୟକାରୀ ହେବ ଏବଂ ଏହି ତାରିଖରୁ ପଥକର ସଂଗ୍ରହ କରାଯିବ । ତଦନୁଯାୟୀ, ଉପଯୁକ୍ତ ନିୟମ ଅନୁସାରେ ପ୍ରଦାନ କରାଯାଇଥିବା ଅନୁମତିପତ୍ର ବିନା ଯାନବାହନ କିମ୍ବା ଲୋକ ଏକ୍‌ସପ୍ରେସ ପଥରେ ଚଳାଚଳ କରିପାରିବେ ନାହିଁ ।

ଏକ୍‌ସପ୍ରେସ୍ ରାଜପଥକୁ ବ୍ୟବହାର କରିବା ନିମନ୍ତ୍ତେ ଅନୁମତିପତ୍ର ପାଇଁ ଗାଡ଼ି ଓ ଲୋକମାନେ ରାଜ୍ୟର ମୁଖ୍ୟ ମନ୍ତ୍ରୀଙ୍କୁ ବା ଏକ୍‌ସପ୍ରେସ୍ ରାଜପଥର ଭାରପ୍ରାପ୍ତ ମୁଖ୍ୟ ମନ୍ତ୍ରୀଙ୍କୁ ଦରଖାସ୍ତ କରିବାକୁ ପଡିବ ।

ମାଲବାହୀ ଗାଡ଼ିର ଚଳାଚଳପାଇଁ ଅନୁସୂଚୀ ଅନୁସାରେ ସର୍ବନିମ୍ନ ପ୍ରଥମ ଥର ପାଇଁ ୫୦୍ ଓ ପରବର୍ତ୍ତୀ ଥର ପାଇଁ ୩୦୍ ଟଙ୍କା ଦେୟ ଦେବାକୁ ପଡିବ । ଏ ପ୍ରକାରର ଅନୁମତିପତ୍ର ଦଶଥର ରୁ ବେଶୀ ଥର ପାଇଁ ଦିଆଯିବନାହିଁ । ମାଲବାହୀ ଗାଡ଼ି ଓ ଯାତ୍ରୀ ଗାଡ଼ି ଏକ୍‌ସପ୍ରେସ୍ ରାଜପଥରେ ଚଳାଚଳ କରିବା ସମ୍ପର୍କିତ ନୂଆ ଅନୁମତି ପତ୍ରପାଇଁ ବା ପୁରୁତନ ଅନୁମତି ପତ୍ର ନବୀକରଣ ପାଇଁ ବାର୍ଷିକ ୫୭୦୍ ଫିସ୍ ଦିଆଯିବ ଓ ଅନ୍ୟାନ୍ୟ ଗାଡ଼ିପାଇଁ ବାର୍ଷିକ ୫୩୬୍ ଫିସ ଦେବାକୁ ପଡିବ ।

ଏହି ଆଇନ ଅନୁଯାୟୀ ଏକ୍‌ସପ୍ରେସ ରାଜପଥରେ କୌଣସି ଗାଡ଼ି ଘଣ୍ଟାରେ ୮୦ କିଲୋମିଟରରୁ ଊର୍ଦ୍ଧ୍ୱ ଗତିରେ ଚଳାଚଳ କରିପାରିବ ନାହିଁ ବା ୭୦ ମଣରୁ ବେଶୀ ଆକ୍‌ସିଲ ଲୋଡ଼ଥିବା ଗାଡ଼ି ଏକ୍‌ସପ୍ରେସ୍ ରାଜପଥରେ ଯାତାୟାତ କରିପାରିବ ନାହିଁ । ଏକ୍‌ସପ୍ରେସ୍ ରାଜପଥ ଉପରେ କୌଣସି ଶୋଭାଯାତ୍ରା

"ମୁଁ ସେଉଁଠି ସାମ୍ରାଜ୍ୟ ଚାହେଁ ନାହିଁ, ମୁଁ ସେଠି କାଧ ଦେବାକୁ ବୁଡ଼ିଯିବି ।"

— ଗାନ୍ଧିଜୀ

ନିଆଯାଇ ପାରିବନାହିଁ ବା ଗୋରୁଗାଈପ୍ରଭୃତି ପଶୁ ପଲକୁ ଅଡ଼ାଇ ଅଡ଼ାଇ ନେବାକୁ ଅନୁମତି ଦିଆଯିବ ନାହିଁ ।

ଅନୁମତି ପତ୍ରପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ଏକ୍‌ସପ୍ରେସ୍ ରାଜପଥର ଅନ୍ତର୍ଗତ ମୁଖ୍ୟ ମନ୍ତ୍ରୀ, ଭୁବନେଶ୍ୱରଙ୍କ ନିକଟରୁ ମିଳିପାରିବ ।

ଏକ୍‌ସପ୍ରେସ୍ ରାଜପଥ ଉପରେ ଯାନବାହାନ ଚଳାଚଳପାଇଁ ଟୋଲ୍ ଆଦାୟ

୧୯୬୭ ମସିହା ସେପ୍ଟେମ୍ବର ୧୫ ତାରିଖରୁ ଏକ୍‌ସପ୍ରେସ୍ ରାଜପଥ ଉପରେ ଯାନବାହନ ଚଳାଚଳପାଇଁ ଟୋଲ୍ ଆଦାୟ କରାଯାଉଛି । ବିଭିନ୍ନ ପ୍ରକାର ଯାନବାହନପାଇଁ ନିମ୍ନମତେ ଟୋଲ୍ ଦେବାକୁ ପଡ଼ିବ ।

ମାଲ୍ ବୋଝାଇ ଟ୍ରକ୍, ଟ୍ରାକ୍‌ଟର, ଟ୍ରେଲର ଓ ବନ୍‌ସପାଇଁ ଗାଡ଼ିର ଗ୍ରସ୍ ଭେହିକଲ୍ ୱେଟ୍ ଉପରେ ଟନ୍-ପିଛା ୫୩·୦୦ ହାରରେ ଟୋଲ୍ ନିଆଯିବ ।

ପାସେଞ୍ଜର ବସ୍‌ପାଇଁ ଟନ୍‌ପିଛା ୫ ୧·୫୦ ଟୋଲ୍ ଦେବାକୁ ପଡ଼ିବ । ମାଲ୍ ବୋଝାଇ ହୋଇ ନ ଥିବା ଖାଲି ଟ୍ରକ୍, ଟ୍ରାକ୍‌ଟର, ଟ୍ରେଲର୍ ଓ ବନ୍‌ସପାଇଁ ଜିପ୍, କାର୍, ଷ୍ଟେସନ୍ ୱାଗନ୍ ଓ ମଟର ସାଇକଲ୍-ପାଇଁ ଗାଡ଼ିପିଛା ୫ ୧·୦୦ ଟଙ୍କା ହିସାବରେ ଟୋଲ୍ ନିଆଯିବ ।

ଏକ୍‌ସପ୍ରେସ୍ ରାଜପଥର ଜୁଜୁର ଓ ଚଣ୍ଡୀଖୋଲ-ଠାରେ ଉକ୍ତ ଟୋଲ୍ ଆଦାୟର ବ୍ୟବସ୍ଥା କରାଯାଇଛି ।

ମଧ୍ୟ-ଇଂରାଜୀ ପରୀକ୍ଷା ପଦ୍ଧତିରେ ପରିବର୍ତ୍ତନ

ମଧ୍ୟ-ଇଂରାଜୀ ପର୍ଯ୍ୟାୟରେ ପ୍ରଚଳିତ ପରୀକ୍ଷା ପଦ୍ଧତି ପରିବର୍ତ୍ତେ ଶିକ୍ଷାର ମାନ ନିରୂପଣ କରିବାପାଇଁ ଏକ ଭିନ୍ନ ପଦ୍ଧତି ଅବଲମ୍ବନ କରିବାର ପ୍ରସ୍ତାବ ବର୍ତ୍ତମାନ ସରକାରଙ୍କ ବିବେଚନାଧୀନ ଅଛି ।

ତେଣୁ, ୧୯୬୭ ମସିହାରେ ଓଡ଼ିଶା ସେକେଣ୍ଡାରୀ ବୋର୍ଡଙ୍କଦ୍ୱାରା ପରିଚାଳିତ ମଧ୍ୟ-ଇଂରାଜୀ ସାର୍ଟିଫିକେଟ୍ ପରୀକ୍ଷାରେ ଯେଉଁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି, ସେମାନଙ୍କୁ ଏକ ବତ୍ସରର ପରୀକ୍ଷା କରି

"ସତ୍ୟ ମନ୍ତ୍ରୀୟ ଜଣା ସତ୍ୟ ପ୍ରଣାଳୀ ମୂଳରେ ଏକ ଚେତନାର ଯୋଗ ରହିଥାଏ । ତେଣୁ ମୋର ବିଶ୍ୱାସ ଯେ କୌଣସି ମାନବ ଯନ୍ତ୍ର ସହିତ ଆତ୍ମାହୀନ ଅସ୍ତ୍ରମାନ ଯୋଡ଼ିବେ ତାହା ଶୀଘ୍ର ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ ଏବଂ ଏହାର ଧ୍ୱଂସାବଶେଷ ଉପରେ ଏକ ନୂତନ ସଭ୍ୟତା ଗଢ଼ି ଉଠିବ ଯେଉଁଥିରେ ଜୀବନର ମୂଳ ଆଦର୍ଶମାନ ରକ୍ଷିତ ହେବେ ।"

—ଗାନ୍ଧିଜୀ

ଜ୍ଞଚ୍ଚର ଶିକ୍ଷାପାଇଁ ସୁଯୋଗ ଦେବାକୁ ସରକାର ଚେଷ୍ଟା କରୁଛନ୍ତି । ତଦନୁଯାୟୀ ସରକାର ସ୍ଥିର କରିଛନ୍ତି ଯେ, ଯିଏ ଛଡ଼ା ଅନ୍ୟ କୌଣସି ଗୋଟିଏ ବିଷୟରେ ଫେଲ୍ ହୋଇଥିବା ଛାତ୍ର ଯେଉଁ ସ୍ୱୀକୃତ-ପ୍ରାପ୍ତ ହାଇସ୍କୁଲରେ ପଢ଼ିବାକୁ ଇଚ୍ଛୁକ, ସେହି ସ୍କୁଲର ପ୍ରଧାନ ଶିକ୍ଷକ ଏକ ପରୀକ୍ଷା କରି ଛାତ୍ରଙ୍କୁ ଉପଯୁକ୍ତ ବୋଧିଲେ ପରବର୍ତ୍ତୀ ଜ୍ଞଚ୍ଚର ଶ୍ରେଣୀରେ ଗ୍ରହଣ କରିପାରିବେ ।

ଯେଉଁ ଛାତ୍ରମାନେ କେବଳ ଯିଏରେ ଫେଲ୍ ହୋଇଥିବେ ସେମାନେ ଆଉ କୌଣସି ପରୀକ୍ଷା ନ ଦେଇ ପରବର୍ତ୍ତୀ ଜ୍ଞଚ ଶ୍ରେଣୀରେ ନାମ ଲେଖାଇ ପାରିବେ ।

ଓଡ଼ିଆ ଓ ସଂସ୍କୃତ ଭାଷାପାଇଁ ସ୍ୱତନ୍ତ୍ର ବିଭାଗ

ଓଡ଼ିଆ ଓ ସଂସ୍କୃତ ଭାଷାରେ ଜ୍ଞଚ୍ଚଶିକ୍ଷାପାଇଁ ହୋଇଥିବା ବ୍ୟବସ୍ଥାରେ ଅଧିକ ଉନ୍ନତିବିଧାନପାଇଁ ଓଡ଼ିଶା ସରକାର ସାବଧାନତା ସହକାରେ ବିବେଚନା ପରେ ସ୍ଥିର କରିଛନ୍ତି ଯେ, ଯେଉଁସବୁ ସରକାରୀ କଲେଜରେ ବର୍ତ୍ତମାନ ଓଡ଼ିଆ ଓ ସଂସ୍କୃତ ଭାଷାପାଇଁ ଗୋଟିଏ ସଂପୃକ୍ତ ବିଭାଗ ରହିଛି, ସେସବୁ କଲେଜରେ ଓଡ଼ିଆ ଓ ସଂସ୍କୃତ ଭାଷାରେ ସ୍ୱତନ୍ତ୍ର ବିଭାଗମାନ ଖୋଲାଯିବ ।

ଉପଯୁକ୍ତ ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାପାଇଁ ଦରକାର ବ୍ୟବସ୍ଥା ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ପ୍ରଚଳିତ ବ୍ୟବସ୍ଥା ଚାଲୁ ରହିବ ।

କୃଷୀମାନଙ୍କୁ ଋଣ ସୂତ୍ରରେ ଉନ୍ନତ କୃଷି ଉପକରଣ ଯୋଗାଣ

ରାଜ୍ୟ ସରକାର ୧୯୬୬-୬୭ ସୁଦ୍ଧା କୃଷୀମାନଙ୍କୁ ଋଣ ସୂତ୍ରରେ ଟ୍ରାକ୍ଟର, ପାଣିପମ୍ପ ଇତ୍ୟାଦି ଯୋଗାଇ ଦେଇ ଆସୁଥିଲେ । କିନ୍ତୁ ସରକାରଙ୍କର ସୀମିତ ଅର୍ଥ କୃଷୀମାନଙ୍କର ବର୍ଦ୍ଧିଷ୍ଣୁ ଚାହିଦା ମେଣ୍ଟାଇବା ପାଇଁ ସମର୍ଥ ହୋଇପାରୁନଥିଲା । ତେଣୁ କୃଷୀମାନଙ୍କୁ ଋଣ ସୂତ୍ରରେ ବହୁସଂଖ୍ୟକ ଉନ୍ନତ ଧରଣର କୃଷି ଉପକରଣ ଯୋଗାଇ ଦେବାରେ କ୍ଷମ ହେବାପାଇଁ ସରକାର ଭୂବନ୍ଧକ ବ୍ୟାଙ୍କ୍‌ର ସହାୟତାରେ ଏହି ଦାୟିତ୍ୱ ଚୁଲାଇବାକୁ ସିଦ୍ଧାନ୍ତ କରିଛନ୍ତି । ଏହାଦ୍ୱାରା ସମ୍ପୃକ୍ତ ଭୂବନ୍ଧକ ବ୍ୟାଙ୍କ୍ କୃଷୀମାନଙ୍କ ଏଣ୍ଡିତ

"ଅନ୍ଧଂସା ଜନା ସତ୍ୟକୁ ପାଇବା ସମ୍ଭବ ନୁହେଁ । ଅହଂତା ଓ ସତ୍ୟ ପରସ୍ପର ସହିତ ଏତେ ଜଡ଼ିତ ଯେ ଦୁହିଙ୍କୁ ଅଲଗା ଅଲଗା କରିବା ସୁକଠିନ ।"

—ଗାନ୍ଧିଜୀ

ଟ୍ରାକ୍ଟର, ପାୱାରଟିଲର, ଆଖୁଚପଡ଼ା କଳ, କଳଲଙ୍ଗଳ (Powertiller) ଓ କୀଟନାଶକ ଔଷଧପକା ଯନ୍ତ୍ର (Power Sprayer) ଇତ୍ୟାଦି ଋଣ ସୂତ୍ରରେ ଯୋଗାଇ ଦେବେ ।

ସରକାର ଆଶା କରନ୍ତି ଯେ, ଏହି ପରିବର୍ତ୍ତିତ ବ୍ୟବସ୍ଥାଦ୍ୱାରା କୃଷୀମାନେ ଅଧିକରୁ ଅଧିକ ଉପକୃତ ହେବେ । ଓଡ଼ିଶାର ସମସ୍ତ କୃଷୀ ଏ ସୁଯୋଗ ନେବା ଉଚିତ । ଏହି ବଜ୍ଞପ୍ତିଦ୍ୱାରା କୃଷୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯେଉଁମାନେ ଜମ୍ମତ କୃଷି ଉପକରଣପାଇଁ ଋଣ ଗ୍ରହାନ୍ତି, ସେମାନେ ଏଣିକ କଲେକ୍ଟର ବା ଏସ୍. ଡି. ଓ.ଙ୍କ ଦରଖାସ୍ତ ନ କରି ସେମାନଙ୍କ ଇଲାକା ଭୂବନ୍ଧକ ବ୍ୟାଙ୍କ୍‌କୁ ଦରଖାସ୍ତ କରନ୍ତୁ । ସରକାର ହସ୍ତଗତ ହୋଇଥିବା ଋଣ ଦରଖାସ୍ତଗୁଡ଼ିକ ପ୍ରାଦେଶିକ ଭୂବନ୍ଧକ ବ୍ୟଙ୍କ୍‌କୁ ବିହିତ କାର୍ଯ୍ୟାନୁଷ୍ଠାନପାଇଁ ପଠାଇ ଦିଆଗଲଣି । ଏଣୁ ସମ୍ପୃକ୍ତ ଋଣ ପ୍ରାର୍ଥୀ ନିଜ ନିଜ ଇଲାକା ଭୂବନ୍ଧକ ବ୍ୟାଙ୍କ୍ ସହିତ ଋଣ ବିଷୟରେ ପରାମର୍ଶ କରନ୍ତୁ ।

"ମୁଁ ଏପରି ଗୋଟିଏ ଜିନିଷ ସୃଷ୍ଟି କରିବାକୁ ଚେଷ୍ଟା କରିଛି ଯାହାକୁ ଗରିବ ଦୀନରେ ସବୁଠାରୁ ଗରିବ ଲୋକଟିର ବି ଆପଣା ମଧ୍ୟ ହେବ, ଯାହାରେ ଦରିଦ୍ର ଧନୀଲୋକ ଓ ଦରିଦ୍ର ଗରିବଲୋକ ଉଭୟେ ନାହିଁ ଏବଂ ଯାହାଁରେ ସବୁ ସଂପ୍ରଦାୟର ଲୋକେ ଶାନ୍ତି ସୌହାର୍ଦ୍ଦ୍ୟରେ ବାସ କରିବେ । ସେ ସ୍ୱରାଜରେ ଅସ୍ପୃଶ୍ୟତା ରୂପକ ପାପ କି ମଦକଦ୍ରବ୍ୟ ସେବନ ରୂପକ ପାପ ଉଦ୍ଭବ ନାହିଁ । ସ୍ତ୍ରୀରୁ ଓ ନାସ୍ତି ସମାନ ଅଧିକାର ଉପଭୋଗ କରିବେ । ଆମ୍ଭେମାନେ ଜାହାକୁ ଶୋଷଣ କରିବୁ ନାହିଁ କି ଜାହାଦ୍ୱାରା ଶୋଷିତ ହେବୁନ ହିଁ । ପୃଥିବୀର ଅନ୍ୟାନ୍ୟ ଅଂଶ ସହିତ ଶାନ୍ତିରେ ରହିବୁ । ତେଣୁ ଯଥାସମ୍ଭବ ଶୀଘ୍ର ଜାହାଜ ଏବଂ ରେଳ ଆମ୍ଭମାନଙ୍କର କାମ ଚଳିବ । ଚଦେଶୀସ୍ୱ ହେଉ କା ସ୍ୱଦେଶୀସ୍ୱ ହେଉ ସେଇଁଥିରୁ ସ୍ୱାର୍ଥ କୋଟି କୋଟି ମନୁଷ୍ୟଙ୍କ ସ୍ୱାର୍ଥର ବିରୋଧୀ ହୋଇ ନ ଥିବ ସେ ସବୁ ସେ ସ୍ୱରାଜରେ ଅବଶ୍ୟ ପରିତ୍ୟକ୍ତ ହେବ । ବ୍ୟକ୍ତିଗତ ଜୀବନରେ ମୁଁ ସ୍ୱଦେଶୀସ୍ୱ ଓ ବିଦେଶୀସ୍ୱ ମଧ୍ୟରେ ଚୁଲେଦାରୁ ଘୃଣାକରେ । ଏହାହିଁ ହେଉଛି ମୋ ସ୍ୱପ୍ନର ସ୍ୱରାଜ ।"

× × × ×

"ମୋ ଜୀବନସାରା ମୋ ଧର୍ମର ବଳ । ସିନ୍ଦ୍ ପେପର୍ ତା ମାପର ଗୁଡରେ ଲେଖି ରହେ ମୁ ମଧ୍ୟ ସେହିପରି ଜରତ ସହିତ ଜନତାଙ୍କ କାଣ୍ଡେ କାଠରୁ ମୁଁ ମୋ ଆଧ୍ୟାତ୍ମ ଜୀବନର ପୁଷ୍ଟି ପାଇଁ ଉପାଦାନ ପାଏଁ । ଈଶ୍ୱରଙ୍କ ପ୍ରତ୍ୟେକ୍ଷ ମୋର ସବୋଚ୍ଚ ଉପାସ୍ୟଦେବତାର ପରିପୋଷକତା କରେ । ଈଶ୍ୱରଠାରୁ ମୋର ସେ ବିଶ୍ୱାସ ଯଦି ଦୂରେଇ ଯାଏ, ତାହାହେଲେ ଅଜସ୍ରତାର ଲକ୍ଷ କରିବାକୁ ଆଶା ନ ଥିବା ପିତୃମାତୃହୀନ ଅନାଥ ପରି ମୁଁ ବୋଧକରିବ ।"

—ଗାନ୍ଧିଜୀ—

OGP—MP-II—Home (P. R.)—55—10,000—21-10-1967

ଏ ସୈନ୍ୟବାହିନୀ, ନୌବାହିନୀ ଏବଂ ଅକାବୋହିନୀ ବୋର୍ଡ଼ର ଏକାଦଶ ବୈଠକ ସେପ୍ଟେମ୍ବର ୧୧ ତାରିଖରେ
ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ।

ଚିତ୍ର—ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜେନ୍ଦ୍ର ନାରାୟଣ ସିଂହ ଦେଓ ଏହି ବୈଠକରେ ସଭାପତିତ୍ୱ କରୁଥିଲେ ।
ସେ କେତେକ ଉପଯୋଗୀ ବକ୍ତବ୍ୟ ଆଲୋଚନା କରୁଛନ୍ତି ।

ଅଗଷ୍ଟ ୨୭ ତାରିଖରେ ଗାନ୍ଧି ଶତବାର୍ଷିକୀ ପାଳନ କମିଟି (ଭୁବନେଶ୍ୱର)ର ବୈଠକ ଭୁବନେଶ୍ୱରଠାରେ ଅନୁଷ୍ଠିତ
ହୋଇ କାର୍ଯ୍ୟକାରୀ କମିଟି ଗଠନ ଏବଂ ଶତବାର୍ଷିକୀ ପାଳନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଯାଇଥିଲା ।

ଚିତ୍ର—କମିଟିର ସଭାପତି ଉତ୍କଳର ବରେଣ୍ୟ ମହତାବ ସ୍ୱାଗତ ଅଭିଭାଷଣ ଦେଉଛନ୍ତି । ପାଖ ବାମଭାଗରେ
ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅବସ୍ଥାନ କରୁଛନ୍ତି ।

UTKAL PRASANG Regd. No. O-29
Licence No. C. R. P. 5—Licensed to post without prepayment

ବୁଲ୍‌ଠାରେ ଅବସ୍ଥିତ ଦ୍ୱାଦଶ ଶ୍ରେଣୀ ବିଦ୍ୟାଳୟ ଉଦ୍‌ଘାଟନ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଗଙ୍ଗେଶ୍ୱର ମାହୁଲୀ ସିଂହ ଜେଡ଼ ଉପସ୍ଥିତ ଜନତାଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

ଗାନ୍ଧି ଶତବାର୍ଷିକୀ ପାଳନ କମିଟି କାର୍ଯ୍ୟାଳୟ କମିଟିର ସଦସ୍ୟମାନଙ୍କର ପ୍ରଥମ ବୈଠକ ଭୁବନେଶ୍ୱରଠାରେ ସେପ୍ଟେମ୍ବର ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା ।
ଚିତ୍ର—କମିଟି ଶତବାର୍ଷିକୀ କାର୍ଯ୍ୟକ୍ରମ ଉପରେ ପାଳନ କମିଟିର ସେ ସମ୍ବନ୍ଧରେ ଆଲୋଚନା କରୁଛନ୍ତି ।